## ସଂକ୍ଷେପରେ

### ରୋଟାରୀ କ୍ଲବ ପ୍ରାଇଡ ପକ୍ଷରୁ ଚାରା ରୋପଣ




ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)

ରୋଟାରି କ୍ଲବ ପ୍ରାଇଡ ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟରର ଛାତ୍ରାବାସ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଶହେରୁ ଊର୍ଦ୍ଧ୍ୱ ଔଷଧୀୟ ଏବଂ ବିଭିନ୍ନ ଉପକାରୀ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋଟାରିଆନ ଅଶୋକ ମିଶ୍ର, ଆରତି ମିଶ୍ର, ଲିଟି ପଟ୍ଟନାୟକ, ଜି.ଭି ରାଓ, ସି. ସାବତ୍ରୀ, ରାମନାଥ ସାହୁ, କିରଣବାଳା ଶତପଥୀ, ରାମହରି ପଣ୍ଡା, କାଲୁରାମ ପଣ୍ଡା, ରବି ନାରାୟଣ ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ। ଷ୍ଟେଟବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୫ ଜଣ ସଦସ୍ୟ ମଧ୍ୟ ସାମିଲ ହୋଇଥିଲେ। ଆଗାମୀ ଦିନରେ ଜୟପୁର ସହର ଓ ଗ୍ରାମାଞ୍ଚଳରେ ରକ୍ତଦାନ ଶିବିର ଓ ସ୍ୱାସ୍ଥ୍ୟସେବା ଶିବିର କରାଯିବ ବୋଲି ସଭାପତି ମିଶ୍ର କହିଛନ୍ତି।

### ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ

ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)

ଜୟପୁର ଅରବିନ୍ଦ ନଗର ସରସତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଜୟପୁର ସଙ୍କୁଳର ସରସତୀ ଶିଶୁ ବିଦ୍ୟା ମନ୍ଦିର ସମୂହର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଟପାଡ଼, କୁମୁଲି, ବୋରିଗୁମ୍ମା, ଆମ୍ବାଗୁଡା, ଅରବିନ୍ଦ ନଗର, ଶାରଦା ବିହାର, ଲମତାପୁଟ, ବୈପାରିଗୁଡା ଓ କୁନ୍ଦୁରାର ୨୦୯ ଶିଶୁଙ୍କ ସମେତ ୩୦୮ ଜଣ ଯୋଗ ଦେଇଥିଲେ। ଶିଶୁ, ବାଲ, କିଶୋର ଏହିପରି ୩ଟି ବର୍ଗରେ ବିଜ୍ଞାନ ପ୍ରକଳ୍ପ, ପତ୍ରଚନ, ପ୍ରଶ୍ନମଞ୍ଚ, ପ୍ରୟୋଗ, ଗଣିତ ପ୍ରଶ୍ନମଞ୍ଚ, ଗାଣିତିକ ପ୍ରକଳ୍ପ, ବୈଦିକ ଗଣିତ ପତ୍ରବାଚନ, ଗଣିତ ପ୍ରୟୋଗ, ସଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚ, କଥୋପକଥନ, ତତ୍କାଳ ଭାଷଣ, ଆଚାର୍ଯ୍ୟମାନଙ୍କ ପତ୍ରବାଚନ, ମୂର୍ତ୍ତିକଳା ପ୍ରତିଯୋଗିତା ଆଦି ହୋଇଥିଲା। ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଆସନ୍ତା ୧୯ରେ ରାୟଗଡା, କୋରାପୁଟ ଏବଂ ଜୁନାଗଡ଼ଠାରେ ହେବାକୁ ଥିବା ବିଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଯୋଗଦେବେ। ସଙ୍କୁଳ ପ୍ରମୁଖ ହେମନ୍ତ ଚାନ୍ଦ ଏବଂ ସଙ୍କୁଳ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ର ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ଗବେଷକ ପରେଶ ରଥ ଯୋଗ ଦେଇ ଥିଲେ। ପରିଚାଳନା ସମିତିର ପ୍ରେମାନନ୍ଦ ନାୟକ, ଦୁର୍ଗାମାଧବ ଦାସ, ସତ୍ୟବାଦୀ ମିଶ୍ର, ସନ୍ତୋଷ ବେହେରା ଉପସ୍ଥିତ ଥିଲେ । କୋଷାଧ୍ୟକ୍ଷ ମିହିର ମିଶ୍ର ଧନ୍ୟବାଦ ଦେଇଥିଲେ।

### ସ୍ୱାଧୀନତା ଦିବସ ପାଳନ ନେଇ ସୁରକ୍ଷା ବ୍ୟବସ୍ଥା କଡାକଡି

କୋରାପୁଟ, ୧୩।୮ (ଅମିତାଭ ବେହେରା)

କୋରାପୁଟ ପୋଲିସ ପଡିଆରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏନେଇ କୋରାପୁଟ ପୋଲିସ ରିଜର୍ଭ ଇନିସପେକ୍ଟର ଏ.ବିଘ୍ନେଶ୍ୱର ରାଓଙ୍କ ତତ୍ତ୍ୱାବଧାନରେ ପୋଲିସ ପଡିଆଠାରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏନେଇ ପରେଡ ଅଭ୍ୟାସ ମଧ୍ୟ ରବିବାର ଅପରାହ୍ନରେ ଶେଷ ହୋଇଛି। ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରି ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିବେ।। ସେହିପରି ଜିଲାର ମାଓବାଦୀ ପ୍ରବଣ ଅଞ୍ଚଳ ରୂପେ ପରିଚିତ ନାରାୟଣପାଟଣା, ନନ୍ଦପୁର, ବନ୍ଧୁଗାଁ, ଲମତାପୁଟ, ଲକ୍ଷ୍ମୀପୁର, ପଟ୍ଟାଙ୍ଗି ସେମିଳିଗୁଡା, ବୈପାରିଗୁଡା ଥାନାକୁ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ହୋଇଛି ।

### ମଦ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)–

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀ ରବିବାର ୨ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ନିଳାଗୁଡାର ଯୀଶୁ ହରିଜନ ଓ ଚନ୍ଦ୍ର ହରିଜନ। ଯୀଶୁ ଏକ ବାଇକରେ ମଦ ଚାଲାଣ କରୁଥିବା ବେଳେ ଜୟପୁର ଅବକାରି ବିଭାଗ କୁନ୍ତରଖାଲ ଛକଠାରେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ୧୨ ଲିଟର ମଦ ଓ ବାଇକ ଜବତ କରିଛି ହୋଇଛି। ସେହିପରି ନିଳାଗୁଡାର ଚନ୍ଦ୍ର ଦେଶୀ ମଦ ଚାଲାଣ କରୁଥିବା ସୂଚନା ପାଇ କର୍ମଚାରୀମାନେ ତାଙ୍କୁ ଜୟନଗର ଛକଠାରେ ଧରିଥିଲେ। ତାଙ୍କଠାରୁ ୧୦ ଲିଟର ମଦ ଜବତ ହୋଇଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି ।

# ଆଦିବାସୀ ମାନ୍ୟତା ନେଇ ଆନ୍ଦୋଳନ କରିବ ଦୋରା ସମ୍ପ୍ରଦାୟ

ପଟ୍ଟାଙ୍ଗି, ୧୩।୮ (ଶରତ ଧଳ)

ଆଦିବାସୀ ମାନ୍ୟତା ନେଇ ଦୀର୍ଘ ବର୍ଷ ଧରି ଦୋରା ସମ୍ପ୍ରଦାୟ ସଂଗ୍ରାମ କରି ଆସୁଛି। ଦାବି ପୂରଣ ନେଇ କେବେ ରାଜ୍ୟ ସରକାର ଅଣଦେଖା କରୁଥିବା ବେଳେ କେବେ ଭୋଟ ହାତେଇବା ଲକ୍ଷ୍ୟରେ ପ୍ରତିଶ୍ରୁତି ଦେଇ ବିଧାୟକମାନେ ପ୍ରତାରଣା କରୁଛନ୍ତି । ପୁଣି କେବେ ଶାସକ ଦଳର ପୂର୍ବତନ ବିଧାୟକ ଚିଠି ଲେଖି ରାଜ୍ୟ ଆଦିବାସୀ ମନ୍ତ୍ରୀଙ୍କୁ ଦୋରା ସମ୍ପ୍ରଦାୟ ଦାବି ପୂରଣ କରା ନ ଯାଉ ବୋଲି ସୁପାରିଶ କରୁଛନ୍ତି । ଏପରି କେତେକ ଘଟଣାକୁ ନେଇ ଦୋରା ସମ୍ପ୍ରଦାୟଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ସେମାନେ ପ୍ରତିବାଦ କରିବାକୁ ରବିବାର ପଟ୍ଟାଙ୍ଗି ବ୍ଲକର ପୁକାଲି ପଞ୍ଚାୟତର ସାପ୍ତାହିକ ହାଟରେ ଏକ ବୈଠକରେ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି ।


ବୈଠକରେ ଏକାଠି ହୋଇଥିବା ଦୋରା ସମ୍ପ୍ରଦାୟର ଲୋକମାନେ।

କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ପାର୍ଲାମେଣ୍ଟରେ ଗତ ୨୬ରେ ସରକାରଙ୍କ ନିକଟକୁ ୧୩ଟି ବିଭିନ୍ନ ସମ୍ପ୍ରଦାୟରୁ ଆଦିବାସୀ ମାନ୍ୟତା ସମ୍ପର୍କିତ ଆସିଥିବା ଦସ୍ତାବିଜ ଉପସ୍ଥାପନ କରିଥିଲେ। ସେଥିରୁ କୋରାପୁଟ ଜିଲାର ଦୁରୁଆ ଏବଂ ଦୋରା ଦୁଇ ସମ୍ପ୍ରଦାୟ ରହିଥିବା କେନ୍ଦ୍ରମନ୍ତ୍ରୀ ଦର୍ଶାଇଥିଲେ। ମାତ୍ର ରାଜ୍ୟ ସରକାର ସେମାନଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନରେ ଅବହେଳା କରି ଆମମାନଙ୍କ ଦାବିକୁ ଅଣଦେଖା କରୁଛନ୍ତି ବୋଲି ବୈଠକରେ ଉପସ୍ଥିତ ନନ୍ଦପୁର, ସେମିଳିଗୁଡା ଓ ପଟ୍ଟାଙ୍ଗିର ଦୋରା ସମ୍ପ୍ରଦାୟର ସଦସ୍ୟମାନେ ଅଭିଯୋଗ କରିଥିଲେ। କୋରାପୁଟ ଜିଲା ଜୟପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ରାଜ୍ୟ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଙ୍କୁ ମାଳି, ରଣା, ଦୋରା, କୁମ୍ଭାର, ପୁଟିଆ (ଦୁରିଆ), କମାର, ଗଉଡ ଏବଂ ଦୁରୁଆ ସମ୍ପ୍ରଦାୟଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ କରା ନ ଯାଉ ବୋଲି ଏକ ଇଂରାଜୀରେ ଲେଖା ଚିଠି ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଦାନ କରି ସୁପାରିଶ କରିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ବୈଠକରେ ଜିଲା ସଭାପତି ବୈଦ୍ୟନାଥ ଗେମେଲଙ୍କ ସହ ରାଜ୍ୟ ସମ୍ପାଦକ ତ୍ରିନାଥ ଗେମେଲ , ଆବାହକ ତାଉଡୁ ଦୋରା, ଜିଲା ସମ୍ପାଦକ ଶଙ୍କର ପାଙ୍ଗି ପ୍ରମୁଖ ପ୍ରଶ୍ନ ଉଠାଇଥିଲେ। ଏହାର ପ୍ରତିବାଦ କରି ଜିଲାରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏପରି ଚିଠି ଲେଖିଥିବା ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ନନ୍ଦଙ୍କୁ ପଚାରିବାରୁ ସେ କହିଲେ, ମୁଁ କାହିଁକି କେଉଁ ମନ୍ତ୍ରୀଙ୍କୁ ଚିଠି ଲେଖିବାକୁ ଯିବି। କିଏ ଆଦିବାସୀ ମାନ୍ୟତା ପାଇଲେ ମୋର କିଛି ଅସୁବିଧା ନାହିଁ । ଏହା ମୋ ମୋତେ ବଦନାମ କରିବା ପାଇଁ ଏକ ଷଡଯନ୍ତ୍ର ବୋଲି କହିଥିଲେ। ଆଦିବାସୀ ମନ୍ତ୍ରୀ ସାରକାଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଲେ, ସେପରି କିଛି ଚିଠି ଆସିଥିବା ମୁଁ ଜାଣିନି। ମୁଁ କିଛି ଦିନ ହେଲା ବାଙ୍ଗାଲୋର ଗସ୍ତରେ ଅଛି। ଯଦି ସେମିତି କଛି ଚିଠି ଆସିଥିବା ତେବେ ମୁଁ ଏଠାରୁ ଫେରିଲେ ଜଣାପଡିବ ବୋଲି କହିଥିଲେ।

# ଅମଳା ସଂଘ ପୂର୍ବତନ ସଭାପତି, ସମ୍ପାଦକଙ୍କ ବିରୋଧରେ ଏତଲା

ଜୟପୁର/କୋରାପୁଟ, ୧୩।୮
(ପବନ ପାଣିଗ୍ରାହୀ/ଅମିତାଭ ବେହେରା)

ଓଡ଼ିଶା ଅମଳା ସଂଘ କୋରାପୁଟ ଜିଲାଶାଖା ସଭାପତି ଓ ସମ୍ପାଦକଙ୍କ ସହିତ ଶତାଧିକ ଅମଳା ସଂଘ ସଦସ୍ୟ ପୂର୍ବତନ ସଭାପତି ଓ ସମ୍ପାଦକଙ୍କ ବିରୋଧରେ ରବିବାର କୋରାପୁଟ ଟାଉନ ଥାନାରେ ଏତଲା ଦେଇଛନ୍ତି। ୨୦୧୫ରେ ଓଡ଼ିଶା ଅମଳା ସଂଘ ନିର୍ବାଚନରେ ନିର୍ବାଚିତ ହୋଇଥିବା ପୁରୁଣା କମିଟି ଜାନୁଆରୀ ୨୦୧୬ରେ ଶପଥ ଗ୍ରହଣ କରିଥିଲେ। ୨୦୧୮ରେ ପୁରୁଣା କମିଟି କାର୍ଯ୍ୟାଳୟ ଶେଷ ହୋଇଥିଲେ ସୁଦ୍ଧା ନିର୍ବାଚନ ନ କରି ରାଜ୍ୟ ଅମଳା ସଂଘକୁ ବେଖାତିର କରି ଆସୁଥିଲେ। ଏନେଇ ପୂର୍ବତନ ସଭାପତି ପ୍ରସନ୍ନ ନାୟକଙ୍କୁ ରାଜ୍ୟ ସଂଘ ୨ ଥର କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ପରେ ନାୟକ ସଂଘ ବିରୋଧୀ କାର୍ଯ୍ୟ କରିଥିବାରୁ ତାଙ୍କୁ ରାଜ୍ୟ ଓଡ଼ିଶା ଅମଳା ସଂଘ ପ୍ରାଥମିକ ସଦସ୍ୟ ପଦରୁ



ଥାନାରେ ଏତଲା ଦେଇ ଫେରିଥିବା ଅମଳା ସଂଘ କର୍ମକର୍ତ୍ତା।

ବହିଷ୍କୃତ କରିଥିଲେ। ଏଥିସହ ସାଙ୍ଗଠନିକ ଦାୟିତ୍ୱ ବହନ କରିଥିବା ଭବାନୀ ଶଙ୍କର ଆଚାର୍ଯ୍ୟଙ୍କୁ ମଧ୍ୟ ସଂଘର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ କରାଯାଇଥିଲା। ସେବେଠାରୁ ରାଜ୍ୟ ସଂଘ ଅନେକ ଥର ଲିଖିତ ଭାବେ ଜଣାଇଥିଲେ ମଧ୍ୟ ନାୟକ ଓ ଆଚାର୍ଯ୍ୟ ବିଭିନ୍ନ ଆଳ ଦେଖାଇ ଦାୟିତ୍ୱ ହସ୍ତାନ୍ତର ନ କରିବାରୁ ରାଜ୍ୟ ଅମଳା ସଂଘ କୋରାପୁଟ ଜିଲା ଶାଖା ସଭାପତି ଶଶୀଭୂଷଣ ଦାଶ ଓ ସମ୍ପାଦକ ସଞ୍ଜୟ ପଣ୍ଡାଙ୍କୁ ପୂର୍ବତନ ସଭାପତି ଓ ସମ୍ପାଦକଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ରାଜ୍ୟ ସଂଘ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଥାନାରେ ଏତଲା ଦେଇଥିବା ସଭାପତି ଦାଶ ସଭାପତି କହିଛନ୍ତି। ଏତଲା ଦେବା ସମୟରେ ସଞ୍ଜୟ ପଣ୍ଡା, ବୃନ୍ଦାବନ ପଣ୍ଡା, ଲକ୍ଷ୍ମୀକାନ୍ତ ଦାଶ, ପ୍ରଦୀପ ମିଶ୍ର, ରାଜୀବ ପ୍ରଧାନ, ମମତା ବେହେରା, ସୁଜାତା ମହାପାତ୍ର, ସଂଯୁକ୍ତା ନାୟକ, ରାଜେନ୍ଦ୍ର ନାରାୟଣ ପାଢ଼ୀ, ବିପିନ ବିହାରୀ ଦାଶ, ପ୍ରମୋଦ ଦାଶ, ନିରଞ୍ଜନ ପଣ୍ଡା, ଲୋକେଶ ବାବୁ, ସୁବୋଧ ବେହେରା, ତ୍ରିନାଥ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


କୋରାପୁଟରେ ସ୍ୱାଧୀନତା ଦିବସ ପାଳନ ପାଇଁ ପୋଲିସ ପଡିଆରେ ଚାଲିଥିବା ଅଭ୍ୟାସ ପରେଡ ।

### ସାପ କାମୁଡାରୁ ରକ୍ଷା, ଏହାର ପ୍ରାଥମିକ ଚିକିତ୍ସା ସମ୍ପର୍କିତ ସଚେତନତା ଶିବିର

ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)

ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶରେ ସ୍ଥାୟୀ ଲୋକ ଅଦାଲତ ବିଚାରପତି ସୁମନ ଜେନାଙ୍କ ତତ୍ତ୍ୱାବଧାନରେ ସାପ କାମୁଡାରୁ ନିଜକୁ ରକ୍ଷା କରିବା ଓ ଏହାର ପ୍ରାଥମିକ ଚିକିତ୍ସା ସମ୍ପର୍କିତ ଏକ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ଅଧ୍ୟକ୍ଷ ମିଶ୍ର, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଦିକାରୀ ଶାନ୍ତନୁ ଦାଶ, ସ୍ଥାୟୀ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା, ରେଜିଷ୍ଟ୍ରାର ବିଷ୍ଣୁ ପ୍ରସାଦ ଦେବତା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅରୁଣ ପାଢ଼ୀ, ଜିଲା ଓକିଲ ସଂଘ ସଭାପତି ବୀରେଶ ପଟ୍ଟନାୟକ, ଡେପୁଟି ରେଞ୍ଜର, କୃଷ୍ଣ କେଶବ ଷଡଙ୍ଗୀ, ଜିଲା ଅପାତକାଳୀନ ପ୍ରକଳ୍ପ ଅଧିକାରୀ ନୂତନ ସାଗରିଆଙ୍କ ସମେତ ୨୫୦ରୁ ଊର୍ଦ୍ଧ୍ୱ ପାରା ଲିଗାଲ ସ୍ୱେଚ୍ଛାସେବୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଉପସ୍ଥିତ ଥିଲେ। କେବେ କେହି ସାପ କାମୁଡାରେ ଆକ୍ରାନ୍ତ ହେଲେ କଣ କଲେ ଆମେ ନିଜ ଜୀବନ ବଞ୍ଚାଇପାରିବା, ପ୍ରାଥମିକ ଚିକିତ୍ସା, ଶୀଘ୍ର ଡାକ୍ତରଖାନାରେ ପହଞ୍ଚିବା ଏବଂ ସାପଙ୍କ ବିଭିନ୍ନ କିସମ ସମ୍ପର୍କରେ ଶିବିରରେ ଆଲୋଚନା ହୋଇଥିଲା। କେହି ସାପ କାକୁଡାର ଶିକାର ହେଲେ ଧର୍ଯ୍ୟହରା ନ ହୋଇ ଶାନ୍ତ ରହିବା ଉଚିତ। ଡରିଗଲେ ଦେହରେ ବିଷର ପ୍ରବାହ ବଢ଼ିଯାଇ ଶରୀର ସାରା ବ୍ୟାପିଯାଏ ବୋଲି ଶିବିରରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଯାଇଥିଲା। ଗ୍ରାମରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ସରକାରଙ୍କ ଦ୍ୱାରା ବିନାମୂଲ୍ୟରେ ସାପ କାମୁଡାର ଚିକିତ୍ସା ଉପଲବ୍ଧ ରହିଛି। ଏହାର ଲାଭ ଉଠାଇବା ଲାଗି କହିଥିଲେ। ଆବଶ୍ୟକ ସ୍ଥଳେ ଜିଲା ଆଇନ ସେବା ପ୍ରାଧିକରଣର ସହାୟତା ନେବା ପାଇଁ ସଚିବ ସୁମନ ଜେନା ପରାମର୍ଶ ଦେଇଥିଲେ।

# ୬୦ ପରିବାର ପ୍ରଶାସନର ଦ୍ୱାରସ୍ଥ

ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)

ଜୟପୁର ପୌରାଞ୍ଚଳ ଅଧୀନ ରୁଷିଆ ନଗରର ୬୦ ପରିବାର ଶୁକ୍ରବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ନିଜ ସମସ୍ୟା ସମ୍ପର୍କରେ ଉପଜିଲାପାଳ ପ୍ରଭାତ ପରିଡ଼ା ଅବଗତ କରି ଦାବିପତ୍ର ଦେଇଛନ୍ତି । ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି, ଆମେ ପୌରାଞ୍ଚଳ ରୁଷିଆ ନଗରର ୬୦ଟି ପରିବାର ଦୀର୍ଘ ୧୦/୧୨ ବର୍ଷ ହେଲା ଛୋଟ ଛୋଟ କୁଡିଆ କରି ବସବାସ କରି ଆସୁଛୁ। ଜଣେ ବ୍ୟକ୍ତି ଏବେ ଉକ୍ତ ଜାଗା ମୋର ବୋଲି ଦାବି କରୁଛନ୍ତି। ପୂର୍ବରୁ ଏଠାରେ କୁଡିଆଘର ନିର୍ମାଣ ସମୟରେ କୋଲାବ ନଦୀବନ୍ଧ କର୍ତ୍ତୃପକ୍ଷ ଏହା ସରକାରୀ ଜାଗା, ଏଠାରୁ ତୁମମାନଙ୍କୁ କେହି ଉଠାଇବେ ନାହିଁ ବୋଲି କହିଥିଲେ। ଫଳରେ ଏଠାରେ ଆମେ ୬୦ ପରିବାର ଘର କରି ରହିଥିଲୁ। ଏବେ ଅନ୍ୟ ଜଣେ ଏହି ଜାଗା ତାଙ୍କର ବୋଲି ଦାବି କରୁଥିବାରୁ ପ୍ରଶାସନ ଏଥିରେ ହସ୍ତ କ୍ଷେପ କରି ପଦକ୍ଷେପ ନେବାକୁ ରୁଷିଆନଗରବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଭକ୍ତ ମାଳି, ସୁଶାନ୍ତ ବେହେରା, ଲକ୍ଷ୍ମଣ ବେହେରା, ଅରୁଣ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୧୧୩ ଜଣଙ୍କୁ ମିଳିଲା ସହାୟତା ରାଶି



ଜଣେ ନିର୍ମାଣ ଶ୍ରମିକଙ୍କୁ ଅତିଥିମାନେ ସହାୟତା ବାବଦ ଚେକ୍ ପ୍ରଦାନ କରୁଛନ୍ତି ।

ନନ୍ଦପୁର, ୧୩।୮ (ଶଙ୍କର ପୂଜାରୀ)

ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ତରଫରୁ ନନ୍ଦପୁର, ସେମିଳିଗୁଡ଼ା ଓ ପଟ୍ଟାଙ୍ଗି ବ୍ଲକର ୧୧୩ଜଣ ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ୫୮ ଲକ୍ଷ ୪୫ ହଜାର ୪୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶୁକ୍ରବାର ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସର ବୈଠକ ଗୃହରେ ବିଭାଗ ପକ୍ଷରୁ ଆୟୋଜିତ ସହାୟତା ବଣ୍ଟନ ଶିବିରରେ ମୁଖ୍ୟ ଅତିଥିଭାବେ ପଟ୍ଟାଙ୍ଗି ବିଧାୟକ ସହାୟତା ରାଶିର ଚେକ୍ ବଣ୍ଟନ କରିଥିଲେ। ଜିଲା ଶ୍ରମ ବିଭାଗର ଡିଭିଜନାଲ ଶ୍ରମାଧିକାରୀ ପ୍ରସନ୍ନ ପାଣିଗ୍ରାହୀ, ଜୟପୁର ଶ୍ରମାଧିକାରୀ ବୃନ୍ଦାବନ ସେଠୀ, ନନ୍ଦପୁର ବିଡିଓ ସୁଜିତ ମିଶ୍ର, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ଜିଲା ନିର୍ମାଣ ଶ୍ରମିକ ସଂଘ ସଭାପତି ଡ. ଉପେନ୍ଦ୍ର ତାଲମାରି, ବିଧାୟକ ପ୍ରତିନିଧି ଗୋପାଳକୃଷ୍ଣ ବେବର୍ତ୍ତା, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ୧୪୦ ଜଣ ଶ୍ରମିକଙ୍କୁ ଶ୍ରମିକ ପରିଚୟ ପତ୍ର ଦିଆଯାଇଛି। ଅଣ ସଂଗଠିତ ଶ୍ରମିକଙ୍କୁ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ଦେଉଛନ୍ତି। ତେଣୁ ଗ୍ରାମାଞ୍ଚଳରେ ଥିବା ସମସ୍ତ ଶ୍ରମିକ ନିଜ ନାମ ଜିଲା ଶ୍ରମ ବିଭାଗରେ ପଞ୍ଜୀକରଣ କରି ବାର୍ଷିକ ମାତ୍ର ୫୦ ଟଙ୍କା ଦେଇ ସରକାରୀ ସୁବିଧାର ନେବାକୁ ବିଧାୟକ କହିଥିଲେ। ଜିଲାରେ ୧ ଲକ୍ଷ ୮୨୦ଜଣ ନିର୍ମାଣ ଶ୍ରମିକଙ୍କ ମଧ୍ୟରୁ ୫୧୮୯୭ ଜଣ ଶ୍ରମିକ ବାର୍ଷିକ ଦେୟ ଦେଉଛନ୍ତି। ବଳକା ଶ୍ରମିକମାନେ ବାର୍ଷିକ ଦେୟ ପ୍ରଦାନ କରି ସରକାରୀ ସୁବିଧା ନେବାକୁ ଡିଭିଜନାଲ ଶ୍ରମ ଅଧିକାରୀ କହିଛନ୍ତି।

# ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ଜଳିଗଲା ଘର


ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାର।

ପଟ୍ଟାଙ୍ଗି, ୧୩।୮ (ଶରତ ଧଳ)

ରୋଷେଇ କରୁଥିବା ସମୟରେ ହଠାତ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗି ରବିବାର ଜଣେ ବ୍ୟକ୍ତିଙ୍କ ଘରର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଏପରି ଅଭାବନୀୟ ଘଟଣା ଘଟିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୁଙ୍କି ଥାନା ଅଞ୍ଚଳର ବିଏସ୍‌ଏଫ କ୍ୟାମ୍ପ ନିକଟସ୍ଥ ମେଟାୱାଲସା ଗ୍ରାମରେ। ଏହି ଗ୍ରାମର ଜି. ଆପୁଲ ସ୍ୱାମୀଙ୍କ ସ୍ତ୍ରୀ ଘରେ ଗ୍ୟାସ ସିଲିଣ୍ଡର ଲଗାଇ ରୋଷେଇ କରୁଥିଲେ। କୌଣସି କାମରେ ସେ ବାହାରକୁ ଆସିଥିବା ବେଳେ ହଠାତ ଗ୍ୟାସ ସିଲିଣ୍ଡରରୁ ଗ୍ୟାସ ଲିକ ହୋଇ ଘରେ ନିଆଁ ଲାଗି ଯାଇଥିଲା। ଫଳରେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ନଷ୍ଟ ହୋଇ ଯାଇଛି। ଖବର ପାଇ ପଟ୍ଟାଙ୍ଗି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ସୁଙ୍କି ପୋଲିସ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି। ଏନେଇ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ପଚାରିବାରୁ ସେ କହିଲେ, ଅଗ୍ନିଶମ ବିଭାଗରୁ ରିପୋର୍ଟ ଆସିବା ପରେ ସରକାରଙ୍କ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ପ୍ରଦାନ କରାଯିବ।

# ଅନୁସୂଚିତ ଜାତି, ଜନଜାତିଙ୍କ ପାଇଁ ଋଣ ମନା

ନନ୍ଦପୁର, ୧୩।୮ (ଶଙ୍କର ପୂଜାରୀ)

ଓଡ଼ିଶା ସରକାରଙ୍କ 'ମୋ ଘର' ଋଣ ଯୋଜନାରୁ ରାଜ୍ୟରେ ବସବାସ କରୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ବଞ୍ଚିତ ହେବାକୁ ଯାଉଥିବା ଜଣାପଡ଼ିଛି। ଏଥିପାଇଁ ଓଡ଼ିଶା ସିଡ୍ୟୁଲ ଏରିଆ ଟ୍ରାନ୍ସଫର ଅଫ ଇମୋଭେବୁଲ ପ୍ରପର୍ଟି ନିୟମ ୨/୧୯୫୬ର ଧାରା ୪ ଓ ୫ ବାଧକ ସାଜିଛି। ଫଳରେ ନନ୍ଦପୁର ବ୍ଲକରେ ବସବାସ କରୁଥିବା ଏହି ସମ୍ପ୍ରଦାୟର ସମୁଦାୟ ଜନସଂଖ୍ୟାର ୧୦ ପ୍ରତିଶତ ଅନୁସୂଚିତ ଜାତି ଓ ୩୬ ପ୍ରତିଶତ ଅନୁସୂଚିତ ଜନଜାତିର ଲୋକ ସରକାରଙ୍କ ମୋ ଘର ଋଣ ଯୋଜନାରୁ ବଞ୍ଚିତ ହେବା ଆଶଙ୍କା ପ୍ରକାଶ ପାଇଛି। ଜିଲାୱାରି ଦେଖିଲେ କୋରାପୁଟ ଜିଲାର ୧୪.୨ ପ୍ରତିଶତ ଅନୁସୂଚିତ ଜାତି ଓ ୫୦.୬ ପ୍ରତିଶତ ଅନୁସୂଚିତ ଜନଜାତି ଏବଂ ରାଜ୍ୟ ୱାରି ଅନୁଧ୍ୟାନ କଲେ ରାଜ୍ୟର ସମୁଦାୟ ଜନସଂଖ୍ୟାର ୩୯.୯୮ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତିର ଲୋକ ଏଥିରୁ ଉପକୃତ ହେବେନାହିଁ। ସେମାନଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷମାନେ ରୋକଠୋକ ମନା କରି ଦେଉଛନ୍ତି। ଫଳରେ ଏହି ଯୋଜନା କେବଳ ସାଧାରଣ ଓ ପଛୁଆ ବର୍ଗର ଲୋକଙ୍କ ପାଇଁ ପ୍ରସ୍ତୁତ ହୋଇଛି ବୋଲି ଚର୍ଚ୍ଚା ହେଉଛି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ

**ମୋ ଘର ଋଣ ଯୋଜନାରେ ବ୍ୟାଙ୍କ କଟକଣା ସାଜିଛି ବାଧକ**

ବଞ୍ଚିତ ହେଉଥିବା ପରିବାରକୁ ନୂତନ ଗୃହ ନିର୍ମାଣର ସୁବିଧା ଦେବାକୁ ରାଜ୍ୟ ସରକାର 'ମୋ ଘର' ଋଣ ଯୋଜନା ଘୋଷଣା କରିଥିଲେ। ଯୋଜନାରେ ସାମିଲ ହେବାକୁ ସିଏସସି କେନ୍ଦ୍ରଗୁଡିକରେ ହିତାଧିକାରୀ ଆବେଦନ କଲେ। ଆବେଦନ କରିଥିବା ହିତାଧିକାରୀଙ୍କୁ ସଂପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ଯେତେବେଳେ ବ୍ୟାଙ୍କକୁ ଡକାଇ ଓଡ଼ିଶା ସିଡ୍ୟୁଲ ଏରିଆ ଟ୍ରାନ୍ସଫର ଅଫ ଇମୋଭେବୁଲ ପ୍ରପର୍ଟି ନିୟମ ୨/୧୯୫୬ର ସେକ୍ସନ ୪ ଓ ୫ ପ୍ରକାରେ ଅନୁସୂଚିତ ଜାତି ଓ ଜନଜାତିର ହିତାଧିକାରୀଙ୍କ ସହ ଚୁକ୍ତିନାମା କରିବାକୁ ମନା କରିଦେଲେ। ଏନେଇ ହିତାଧିକାରୀମାନେ ନନ୍ଦପୁର ବିଡିଓ ସୁଜିତ ମିଶ୍ରଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ବିଡିଓ ମିଶ୍ର ମଧ୍ୟ ସମାନ ନିୟମ ଥିବା କହି ହିତାଧିକାରୀଙ୍କୁ ନିରାଶ କରିଥିଲେ। ଘଟଣା ସମ୍ପର୍କରେ ପଟାଙ୍ଗି ବିଧାୟକ ପିତମ ପାଢୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଏଥିପ୍ରତି ଦୃଷ୍ଟି ଦେଇ ଏହାର ପରିବର୍ତ୍ତନ କରିବାକୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନେଇ ସରକାରୀ ସ୍ତରରେ ବିଚାରବିମର୍ଶ ଚାଲିଛି। ଆଗାମୀ କ୍ୟାବିନେଟ ବୈଠକରେ ମଞ୍ଜୁରୀ ହୋଇ ବିଧାନସଭାରେ ପ୍ରସ୍ତାବ ପାରିତ ହେବ ବୋଲି ବିଧାୟକ ପାଢ଼ୀ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏହି ବର୍ଗର ଲୋକଙ୍କ ଜମିବାଡ଼ିକୁ ସବଳ ଲୋକଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷା କରିବାକୁ ସରକାର ଏଭଳି ନିୟମ ଓ କଟକଣା ଜାରି କରିଥିଲେ, ଯାହା ଏଯାଏ ଅପରିବର୍ତ୍ତିତ ରହିଛି। ଫଳରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ନିଜ ଜମିବାଡ଼ିକୁ ବ୍ୟାଙ୍କରେ ବନ୍ଧକ ରଖି ବ୍ୟବସାୟ, ଗୃହଋଣ, ଶିକ୍ଷାଋଣ ଆଦି କୌଣସି ଋଣ ପାଇପାରୁନାହାନ୍ତି। ଯାହା ବର୍ତ୍ତମାନ ମୋ ଘର ଯୋଜନାରେ ପ୍ରତିଫଳିତ ହେଉଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-032023-IPMPLS, ତା.11.08.2023ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥରେ LAN ଇନ୍‌ଫ୍ରା, VoIP ଭିତ୍ତିକ କଣ୍ଟ୍ରୋଲ କମ୍ୟୁନିକେଶନ ଏବଂ IP-MPLS ଭିତ୍ତିକ ନେଟୱାର୍କକୁ ନେଇ ଗଠିତ ସମନ୍ୱିତ ଯୋଗାଯୋଗ ଭିତ୍ତିଭୂମିର କାର୍ଯ୍ୟାନ୍ୱୟନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 42,39,14,361.87, EMD (₹) : 22,69,600/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.09.2023ରିଖ 1030 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ (P), ଭୁବନେଶ୍ୱର
PR-53/CG/23-24

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଟିକିରି, ୧୩।୮ (ପ୍ରଫୁଲ୍ଲ ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ବାଲିଆଗୁଡା ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଡୁଯେର୍ ଗ୍ରାମର କାନ୍ତାରୁ ନାଏକଙ୍କ ପୁଅ ବାଲେଶର ନାଏକ। ବାଲେଶର ଡଙ୍ଗାସିଲଠାରୁ କୌଣସି କାମରେ ବାଇକ ଯୋଗେ ଟିକିରି ନୂଆପଡ଼ା ଅଭିମୁଖେ ଯାଉଥିବାବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏକ ବୋଲେରୋ ଯୋଗେ ଉତ୍କଳ ଉଷାପୋଡା ମେଡିକାଲକୁ ନେଇଥିଲେ। ହେଲେ ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମବାସୀ ମୃତଦେହକୁ ରଖି ରାସ୍ତା ଅବରୋଧ କରିଥିବା ଜଣାପଡିଛି। ତେବେ ଘଟଣାସ୍ଥଳରେ ଦୋରାଗୁଡା ପୋଲିସ ପହଞ୍ଚି ତଦନ୍ତ କରୁଛି।

### ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)

ସ୍ୱାଧୀନତା ଦିବସ ଉପଲକ୍ଷେ ଜୟପୁର ବିକ୍ରମଦେବ ବିଶ୍ୱ ବିଦ୍ୟାଳୟର ଏନସିସି ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ବିକ୍ରମଦେବ ବିଶ୍ୱ ବିଦ୍ୟାଳୟରୁ ବାହାରି ଟ୍ରାଫିକ ଛକ, ବାଙ୍ଗମଠ ଦେଇ ରଜାନହରଠାରେ ପହଞ୍ଚିଥିଲା। କାର୍ଯ୍ୟକ୍ରମକୁ ଏନସିସିର ମୁଖ୍ୟ ସିଟିଓ ସନ୍ତୋଷିନୀ ପୁଣ୍ଡା ପରିଚାଳନା କରିଥିଲେ।

### ଫିରିଙ୍ଗିଆ ଥାନା ପୋଡ଼ି ଘଟଣା, ଆଉ ଜଣେ ଗିରଫ

ଫୁଲବାଣୀ, ୧୩।୮ (ରାକେଶ କୁମାର ରାଉତ)

ଗତ ୫ ତାରିଖରେ ଫିରିଙ୍ଗିଆ ଥାନା ପୋଡି ଘଟଣାରେ ପୋଲିସ ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ ଫିରିଙ୍ଗିଆ ପୂର୍ବତନ ସରପଞ୍ଚ ବିଶ୍ୱରଞ୍ଜନ କହଁର। ଏହାକୁ ମିଶାଇ ଗିରଫ ସଂଖ୍ୟା ୨୪କୁ ବୃଦ୍ଧି ପାଇଛି। ବିଶ୍ୱରଞ୍ଜନଙ୍କ ଏହି ଗଣ୍ଡଗୋଳରେ ମୁଖ୍ୟ ଭୂମିକା ରହିଥିବା କୁହାଯାଉଛି। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଓ ସିସିଟିଭି ଫୁଟେଜ ଆଧାରରେ ପୋଲିସ ଘଟଣାରେ ସମ୍ପୃକ୍ତ ୩ ଶହରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ତେବେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଫେରାର ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ପୋଲିସ ଗାଡିରେ ଗଞ୍ଜେଇ ଚାଲାଣ କରୁଥିବା କର୍ମଚାରୀ ଏବଂ ପୂର୍ବତନ ଥାନାଧିକାରୀଙ୍କ ଗିରଫ ଦାବିରେ ଗତ ୫ ତାରିଖରେ ଫିରିଙ୍ଗିଆଠାରେ ରାସ୍ତାରୋକୋ ହୋଇଥିଲା। ପରେ ଉତ୍ତ୍ୟକ୍ତ ଲୋକେ ସଦର ଏସଡିପିଓ ସୁପ୍ରସନ ମଲିକ ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କୁ ମାଡ଼ ମାରିବା ସହ ଥାନା ଜାଳିଦେଇଥିଲେ। ଏହି ଘଟଣାରେ ପ୍ରଥମେ ୧୯ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ପରେ ଆଉ ୫ ଜଣଙ୍କୁ ଗିରଫ କରାଯାଇଛି। ଇତି ମଧ୍ୟରେ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଥାନା ଅଧିକାରୀ ତପନ କୁମାର ନାହାକଙ୍କୁ ନିଲମ୍ବିତ କରାଯାଇଛି। ଗିରଫ ବିଶ୍ୱରଞ୍ଜନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି।

# ନିଷିଦ୍ଧାଞ୍ଚଳରେ ପର୍ଯ୍ୟଟକଙ୍କ ଭିଡ଼, ତାଗିଦ କଲା ପୋଲିସ

ରାୟଗଡ଼ା, ୧୩।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିର ଦର୍ଶନରେ ଆସୁଥିବା ବହୁ ପର୍ଯ୍ୟଟକ ନିଷିଦ୍ଧାଞ୍ଚଳ ଘୋଷିତ ଝୁଲାପୋଲରେ ମଉଜମସ୍ତି କରୁଥିବା ଦେଖିବାକୁ ମିଳିଛି। ଝୁଲାପୋଲ ବନ୍ଦ ରହିଥିବା ବେଳେ ରବିବାର ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ବିପଦପୂର୍ଣ୍ଣ ଭାବେ ପୋଲ ପାର୍ଶ୍ୱରେ ଥିବା ଲୁହା ଛଡ଼ ଉପରେ ଚଢ଼ି ସେଲଫି ଏବଂ ଫଟୋ ଉଠାଉଥିଲେ। ସେହିଭଳି ଅନ୍ୟ କିଛି ପର୍ଯ୍ୟଟକ ପୋଲ ପାର୍ଶ୍ୱ ଦେଇ ନାଗାବଳୀ ନଦୀକୂଳକୁ ଯାଇ ସେଠାରେ ପାଣି ପାଖରେ ଫଟୋ ଉଠାଉଥିଲେ। ଏପରିକି ବହୁ ପର୍ଯ୍ୟଟକ ନଦୀକୂଳରେ ମଦ୍ୟପାନ କରୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ସେଠାରେ ପହଞ୍ଚି ସମସ୍ତଙ୍କୁ ଘଉଡ଼ାଇବା ସହିତ ଆଗାମୀ ଦିନରେ ସେଠାକୁ ନ ଆସିବା ପାଇଁ ତାଗିଦ କରିଥିଲେ। ରାୟଗଡ଼ା ଟାଉନ ଥାନା ଆଇଆଇସି କେବିକେ କହଁରଙ୍କ ନେତୃତ୍ୱରେ ଏସଆଇ କ୍ଷୀରସିନ୍ଧୁ ସାହୁ, ସଞ୍ଜୟ ଛତର, ମନ୍ମଥ ସିଂ ଓ ପୋଲିସ ଟିମ୍ ପହଞ୍ଚି ପର୍ଯ୍ୟଟକଙ୍କୁ ସେଠାରୁ ଘଉଡ଼ାଇଥିଲେ।

ରାୟଗଡ଼ା ସହର ନିକଟସ୍ଥ ଟେକାଗୁଡ଼ା ଓ ମାରିଗୁଡ଼ା ଦୁଇଟି ଗାଁର ସଂଯୋଗର ମାଧ୍ୟମ ପାଇଁ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ୨୦୧୧ ମସିହାରେ ନାଗାବଳୀ ନଦୀ ଉପରେ ଏହି ଝୁଲା ପୋଲ ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ୨୫ଖଣ୍ଡ ଗାଁକୁ ରାୟଗଡ଼ା ସହ ସଂଯୋଗ କରିଥିଲା। ହେଲେ ଓଡ଼ିଶାର ଏହି ଦ୍ୱିତୀୟ ଝୁଲାପୋଲ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପୋଲ ଦୁର୍ବଳ ହୋଇଛି। ଫଳରେ ଜୀବନ ସୁରକ୍ଷା ଦୃଷ୍ଟିରୁ ଜିଲା ପ୍ରଶାସନ ୨୦୨୨ ସେପ୍ଟେମ୍ବର ୨୫ ତାରିଖରେ ଝୁଲା ପୋଲକୁ ନିଷିଦ୍ଧାଞ୍ଚଳ ଘୋଷଣା କରି ଏହାକୁ ବନ୍ଦ କରିଦେଇଥିଲା। ତେବେ ପର୍ଯ୍ୟଟକ କଟକଣାକୁ ନ ମାନି ପୋଲ ଉପରକୁ ଯାଇ ବୁଲାବୁଲି କରିବା ସହ ନଦୀ ନିକଟରେ ସେଲଫି ଉଠାଇବା, ନଦୀରେ ଗାଧୋଇବା ଭଳି କାର୍ଯ୍ୟ ଦେଖିବାକୁ ମିଳୁଛି। ଝୁଲା ପୋଲ ବୁଲିବାକୁ ଆସି ବିଭିନ୍ନ ସମୟରେ ନାଗାବଳୀ ନଦୀରେ ୨୭ରୁ ଊର୍ଦ୍ଧ୍ୱ ଜୀବନ ଚାଲିଯାଇଥିଲେ ମଧ୍ୟ ପର୍ଯ୍ୟଟକ ସଚେତନ ହେଉନାହାନ୍ତି। ପ୍ରଶାସନ ପକ୍ଷରୁ ଲାଗିଥିବା ନିଷିଦ୍ଧ ଫଳକ ପଢ଼ି ପର୍ଯ୍ୟଟକ ଫେରିଯିବା ବଦଳରେ ବାରମ୍ବାର ଝୁଲା ପୋଲ ମଧ୍ୟକୁ ଏବଂ ନଦୀଗର୍ଭକୁ ଯାଉଛନ୍ତି। ତେଣୁ ଏଠାରେ କୌଣସି ମୁହୂର୍ତ୍ତରେ ପୁଣି ଦୁର୍ଘଟଣା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଝୁଲା ପୋଲ ଭଳି ଏକ ପର୍ଯ୍ୟଟନ ସ୍ଥଳୀକୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ବିଶେଷ ଦୃଷ୍ଟି ଦେଇ ଏହାର ଉନ୍ନତୀକରଣ କଲେ ଏହା ଜିଲାର ସର୍ବୋଚ୍ଚ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନସ୍ଥଳୀ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।


ଝୁଲା ପୋଲ ପାର୍ଶ୍ୱ ରାସ୍ତା ଦେଇ ନାଗାବଳୀ କୂଳକୁ ଯାଇ ବିପଦପୂର୍ଣ୍ଣ ଭାବେ ଫଟୋ ନେଉଛନ୍ତି ପର୍ଯ୍ୟଟକ।

**ବିପଦସଙ୍କୁଳ ଝୁଲାପୋଲ, ବଂଶଧାରା ନଦୀକୂଳରେ ନେଉଛନ୍ତି ସେଲ୍‌ଫି**

## ରାୟଗଡ଼ା ଜିଲା ବିଜେଡି କମିଟିରେ ଅମ୍ବାଦଳାର ୨ ନେତା

ଅମ୍ବାଦଳା, ୧୩।୮ (ରବୀନ୍ଦ୍ର ପଣ୍ଡା)

ରାୟଗଡା ଜିଲା ବିଜେଡି କମିଟି ସଂଗଠନରେ ମୁନିଗୁଡା ବ୍ଲକ ଅମ୍ବାଦଳାର ୨ ନେତାଙ୍କୁ ସାମିଲ କରାଯାଇଛି। ଅମ୍ବାଦଳାର ସୀମାଞ୍ଚଳ ପାତ୍ରଙ୍କୁ ଜିଲା ସମ୍ପାଦକ ଭାବେ ନିଯୁକ୍ତି କରାଯାଇଥିବା ବେଳେ ସୀମାଞ୍ଚଳ ରଣାଙ୍କୁ ଯୁଗ୍ମ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଓଡିଶା ସରକାରଙ୍କ ଆଦିବାସୀ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡା ଜିଲା ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ ଏବଂ ମୁନିଗୁଡା ବ୍ଲକ ବିଜେଡ଼ିର ଟାଣୁଆ ନେତା ତଥା ବିଶିଷ୍ଟ ସାମାଜିକ କର୍ମୀ ଧୀରେନ୍ଦ୍ର ପାଣିଗ୍ରାହୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସବୁବେଳେ ଏହି ଦୁଇ ବରିଷ୍ଠ ନେତା ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଦିଗରେ ସଫଳ ଉଦ୍ୟମ କରି ଆସୁଛନ୍ତି। ଆଗାମୀ ଦିନରେ ଏହି ଉଦ୍ୟମ ଜାରି ରହିବ ବୋଲି ଉଭୟ ନେତା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସରକାରୀ ଯୋଜନା କିପରି ଲୋକଙ୍କ ଘରେ ଘରେ ପହଞ୍ଚିପାରିବ ସେଥିପ୍ରତି ଗୁରୁତ୍ୱ ଦେବୁ ବୋଲି ଉଭୟ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ପାଚିକା, ସହାୟିକାଙ୍କ ସମସ୍ୟା ନେଇ ଆଲୋଚନା



ବୈଠକରେ ଯୋଗଦେଇଥିବା ପାଚିକା ଓ ସହାୟିକା।

ଗୁଣପୁର, ୧୩।୮ (ପ୍ରଦୀପ କୁମାର ପାଢୀ)

ଗୁଣପୁର ସହରର ଟାଉନ ହଲଠାରେ ଦକ୍ଷିଣ ଓଡିଶା ପାଚିକା ଓ ସହାୟିକା ସଂଘ ମିଡ ଡେ ମିଲ ୱାର୍କର୍ସ ତରଫରୁ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୨୭ ତାରିଖରେ ପାଚିକା ଓ ସହାୟିକା ମହାସଂଘ ତରଫରୁ ଭୁବନେଶ୍ୱରଠାରେ ପ୍ରଥମ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେଉଥିବାରୁ ଏଥିରେ ଗୁଣପୁର ଅଞ୍ଚଳରୁ ୨୦୦ ପ୍ରତିନିଧି ଯୋଗଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ପାଟଣାଠାରେ ସେପ୍ଟେମ୍ବର ୯ ତାରିଖରୁ ୨ ଦିନ ହେବାକୁ ଥିବା ସର୍ବଭାରତୀୟ ସମ୍ମିଳନୀକୁ କିପରି ସଫଳ କରାଯିବ ସେ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ପାଚିକା ଓ ସହାୟକମାନଙ୍କୁ ସ୍ଥାୟୀ କରାଯିବା, ମଧ୍ୟାହ୍ନ ଭୋଜନକୁ ଅକ୍ଷୟ ପାତ୍ର ଓ ନନ୍ଦି ଫାଉଣ୍ଡେସନ ଭଳି ଘରୋଇ ସଂସ୍ଥାକୁ ଦେବା ବନ୍ଦ କରିବା, ଶ୍ରମିକ କର୍ମଚାରୀ ବିରୋଧୀ ଶ୍ରମ କୋଡକୁ ବାତିଲ କରାଯିବା,ସେମାନଙ୍କୁ ମାସିକ ୨୬ ହଜାର ଟଙ୍କା ଦରମା ସହ ପେନସନ ଯୋଜନା ଲାଗୁ କରାଯିବା,ସେମାନଙ୍କୁ ସାମାଜିକ ନିରପତ୍ତା ଓ ବୀମାଭୁକ୍ତ କରିବା, ବର୍ଷକୁ ଦୁଇଟି ଲୁଗା ପ୍ରଦାନ, ଛୁଟି ନେବାର ବ୍ୟବସ୍ଥା କରାଯିବା, ଅବସରକାଳୀନ ବାଦ୍ ପଡିଥିବା ପାଚିକାଙ୍କୁ ଭତ୍ତା ପ୍ରଦାନ ସହ ୧୩ ଦଫା ଦାବି ନେଇ ଆଲୋଚନା ହୋଇଥିଲା। ସଂଘର ଉପଦେଷ୍ଟା ତ୍ରିପତି ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଭାପତି ମୁନି ଶବର, ଜିବତ୍ତି ଗମାଙ୍ଗ, ପଦ୍ମା ପାତ୍ର, ମଣି ଶବର, ମୁକ୍ତିଲତା ଶବର, ଡାୟନ୍ତି ଶବର, ମାଧୁରୀ ଗୌଡ, ଅନୀତା ଗମାଙ୍ଗ ଏବଂ କୁନି ଶବର ପ୍ରମୁଖ ଉପସ୍ଥିତ ରହିଥିଲେ।

# ପୀତାମ୍ବର ଗୌଡ଼ଙ୍କୁ ଗଜ ଗୌରବ ପୁରସ୍କାର

ଅମ୍ବାଦଳା, ୧୩।୮ (ରବୀନ୍ଦ୍ର ପଣ୍ଡା)

ବିଶ୍ୱ ହସ୍ତୀ ଦିବସ ପାଳନ ଅବସରରେ ରାଜଧାନୀ ଭୁବନେଶ୍ୱର ପାତ୍ରପଡାସ୍ଥିତ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡା ଜିଲା ମୁନିଗୁଡା ରେଞ୍ଜ ଅଧିନସ୍ଥ ଅମ୍ବାଦଳା ଅଞ୍ଚଳର ଏଲିଫ୍ୟାଣ୍ଟ ସ୍କ୍ୱାର୍ଡ ପୀତାମ୍ବର ଗୌଡ଼ଙ୍କୁ 'ଗଜ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହ ନଗଦ ୪୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଜଙ୍ଗଲ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏବଂ ଅଶ୍ୱିନୀ କୁମାର ଚୌବେ ଉପସ୍ଥିତ ରହି ପିତାମ୍ବରଙ୍କୁ ଏହି ଜାତୀୟ ପୁରସ୍କାର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ପିତାମ୍ବର ଅମ୍ବାଦଳା ସେକ୍ସନରେ ୨୦୧୧ ମସିହାରୁ କାର୍ଯ୍ୟ କରିଆସୁଛନ୍ତି। ନିରନ୍ତର ଜଙ୍ଗଲ, ବନ୍ୟ ପ୍ରାଣୀ ଓ ଧନଜୀବନ ସୁରକ୍ଷାରେ ନିଜକୁ ଉତ୍ସର୍ଗ କରି ସେ ଏହି ପୁରସ୍କାର ପାଇଛନ୍ତି ବୋଲି ଅମ୍ବାଦଳା ବନପାଳ ସୁରେଶ ପାତ୍ର କହିଛନ୍ତି। ପିତାମ୍ବରଙ୍କ ଏହି ସଫଳତା ପାଇଁ ରାୟଗଡା ଜିଲା ବନ ବିଭାଗ ଏବଂ ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ପ୍ରସଶାଂର ସୁଅ ଛୁଟୁଛି। ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇଛି ବୋଲି ପୁରସ୍କୃତ ପିତାମ୍ବର ଖୁସିର ସହ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅମ୍ବାଦଳା ସେକ୍ସନର ବନ ସୁରକ୍ଷା କର୍ମୀ ପ୍ରଳୟ ଦଣ୍ଡସେନା ଉପସ୍ଥିତ ଥିଲେ। ଏହି ସମାରହରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସତ୍ୟବ୍ରତ ସାହୁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।


ମନ୍ତ୍ରୀ ପ୍ରଦୀପ ଅମାତ ପୀତାମ୍ବର ଗୌଡ଼ଙ୍କୁ ସମ୍ମାନିତ କରୁଛନ୍ତି।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

ମୁନିଗୁଡ଼ା, ୧୩।୮ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡା ଅନ୍ତର୍ଗତ ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ରବିବାର ମୁନିଗୁଡା ବିକାଶ ପରିଷଦ ତରଫରୁ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିକାଶ ପରିଷଦ ସଭାପତି ଘନଶ୍ୟାମ ମାର୍ଥାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଶାନ୍ତଶୃଙ୍ଖଳାର ସହ ସ୍ୱାଧୀନତା ଦିବସ ପାଳନ ପାଇଁ ଉପସ୍ଥିତ ସଭ୍ୟଙ୍କୁ ନିବେଦନ କରିଥିଲେ। ଅଞ୍ଚଳର ବିକାଶ କରିବା, ଗଛ ଲଗାଇବା, ଶିକ୍ଷାର ଉନ୍ନତି ଉପରେ



ପ୍ରାଧାନ୍ୟ ଦେବା ପାଇଁ ମାର୍ଥା କହିଥିଲେ। ମୁନିଗୁଡା ଅଞ୍ଚଳର ବିକାଶ ଆମର ମୂଳ ଲକ୍ଷ୍ୟ। ଶିକ୍ଷା, ସାସ୍ଥ୍ୟ, ଗମନାଗମନ ଓ ସହର ପରିଷ୍କାର ପରିଚ୍ଛନ୍ନ ରଖିବା ଏବଂ ବିକାଶ ପରିଷଦର ସଦସ୍ୟ ସଂଖ୍ୟା ବୃଦ୍ଧି କରିବା ପାଇଁ ସମସ୍ତ ସଭ୍ୟଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଉପସଭାପତି ଭୀମ ବେହେରା, ସମ୍ପାଦକ ମାନସ ରଞ୍ଜନ ବେହେରା, କୋଷାଧ୍ୟକ୍ଷ ମନୋଜ ସାହୁ, କୁମାର ରାଜୁ, ରମେଶ ଗୌଡ଼, ପଦ୍ମ ବେହେରା,ମୁରଲୀ ଗୌଡ଼, ଦିଲ୍ଲିପ ମାଝୀ ରାମବାବୁ, ଲାଡି ଗୌରୀ ଶଙ୍କର ଓ ସରପଞ୍ଚ ସରସ୍ୱତୀ ଶର ଉପସ୍ଥିତ ରହି ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆଲୋଚନା କରିଥିଲେ। ରାୟଗଡ଼ା ଲାୟନସ କ୍ଲବର ବୋର୍ଡ ମେମ୍ବର ଲାଡି ଚନ୍ଦ୍ର ମଉଳୀ ବିକାଶ ପରିଷଦ ସମସ୍ତ ସଦସ୍ୟଙ୍କୁ ଲାୟନସ କ୍ଲବ ଗଠନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଶେଷରେ କୁମାର ରାଜୁ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଡ଼ାରିରେ ପାଚିକା, ସହାୟିକା ସଂଘ ବୈଠକ


ବୈଠକରେ ଉପସ୍ଥିତ ପାଚିକା ଓ ସହାୟିକା।

ଗୁଡ଼ାରି, ୧୩।୮ (ପ୍ରମୋଦ କୁମାର ପତି)

ଦକ୍ଷିଣ ଓଡିଶା ପାଚିକା ଓ ସହାୟକ ସଂଘ ପକ୍ଷରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ପରିସରରେ ପାଚିକା ଓ ସହାୟିକାଙ୍କ ବିଭିନ୍ନ ସମସ୍ୟା ନେଇ ରବିବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଙ୍ଘର ଉପଦେଷ୍ଟା ବୃନ୍ଦାବନ ବିଡିକାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଓ ଏନଏସିର ସମସ୍ତ ପାଚିକା ଓ ସହାୟକ ଯୋଗ ଦେଇଥିଲେ। ପ୍ରଥମ ରାଜ୍ୟସ୍ତରୀୟ ସମ୍ମିଳନୀରେ ଗୁଡ଼ାରୀ ଅଞ୍ଚଳରୁ ୨୦୦ ପ୍ରତିନିଧି ଯୋଗ ଦେବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାବ୍ୟତୀତ ବିହାର ପାଟନାଠାରେ ସେପ୍ଟେମ୍ବର ୯ ଓ ୧୦ ଦୁଇ ଦିନ ଧରି ସର୍ବ ଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାକୁ ସଫଳ କରିବା ପାଇଁ ସଂକଳ୍ପ କରାଯାଇଥିଲା। ବୈଠକରେ ମୁକ୍ତା ଶବର, ଲିଲରି ମାଝୀ, ଲଳିତା ଶବର, ସେବତୀ ଶବର, ତାରିଣୀ ବାରିକଙ୍କ ସହ ସମସ୍ତ ପାଚିକା ଓ ସହାୟକ ଉପସ୍ଥିତ ଥିଲେ।

# ନିଅଣ୍ଟିଆ ବର୍ଷା, ଚିନ୍ତାରେ ଚାଷୀ

ମୁନିଗୁଡ଼ା, ୧୩।୮ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ବ୍ଲକ୍ ଅଞ୍ଚଳରେ ଗତ ୧୦ ଦିନ ହେଲାଣି ବର୍ଷା ନାହିଁ। ବର୍ଷା ଅଭାବରୁ ଚାଷ କାମ ବାଧାପ୍ରାପ୍ତ ହୋଇଛି। ମୁନିଗୁଡ଼ା ବ୍ଲକର ଅଧିକାଂଶ ଜମିରେ ଚାଷୀମାନେ ପାଣି ଅଭାବରୁ ତଳି ପକାଇବା କାର୍ଯ୍ୟ କରିପାରି ନାହାନ୍ତି। ଫଳରେ ବହୁତ ଜମି ପଡିଆ ପଡ଼ି ରହିଥିବା ଯୋଗୁ ଚାଷୀ ଚିନ୍ତାରେ ପଡ଼ିଛି। ଆଗକୁ ବର୍ଷା ହେବ କି ନାହିଁ ଜଣାନାହିଁ, ତେଣୁ ଆଉ ଋଣ କରି ଚାଷ କରିବି ନାହିଁ ବୋଲି ଚାଷୀ ବାଲାଜୀ ପାତ୍ର କହିଛନ୍ତି। ମୁନିଗୁଡ଼ା ବ୍ଲକର କଂଗ୍ରେସ ନେତା ଉମ୍ବରୁଧର ଶତପଥୀ କହିଛନ୍ତି ଯେ, ଭଲ ବର୍ଷା ନ ହେଲେ ଅଞ୍ଚଳରେ ମରୁଡି ହେବା ନିଶ୍ଚିତ। ଯଦି ଲଘୁଚାପ ଜନିତ ବର୍ଷା ହୁଏ ଅଞ୍ଚଳରେ ମରୁଡ଼ି ଆଶଙ୍କା ଦୂର ହୋଇପାରିବ ବୋଲି ସେ କହିଛନ୍ତି। ତେବେ ଜଳସେଚିତ ଜମିରେ ମଧ୍ୟ ଆବଶ୍ୟକ ପାଣି ଯୋଗାଣ ହୋଇପାରୁ ନ ଥିବାରୁ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ଉଠା ଜଳସେଚନରୁ ଜମିରେ ପାଣି ପାଉଥିବା ଗୋଟିଏ ଚାଷୀ ଲାଡି ଶଙ୍କର କହିଛନ୍ତି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ସବୁ ଠିକ ଅଛି ଭବିଷ୍ୟତରେ ଭଗବାନ ଭରସା।


ବର୍ଷା ଅଭାବରୁ ଜମି ପଡିଆ ପଡିଛି।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ମୁନିଗୁଡ଼ା, ୧୩।୮ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ବେରଦଳେଇ ଓ ବରିଷ୍ଠ ଆଚାର୍ଯ୍ୟ ଗିରିଜା ପ୍ରସାଦ ମିଶ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥି ଭାବେ କୁଟ୍ରାଗଡ଼ ମା' ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବେଜ ଯୋଗଦେଇ ଉଦଘାଟନ କରିଥିଲେ। ଉକ୍ତ ବିଜ୍ଞାନ ମେଳାରେ ସଂକୁଳର ମୁନିଗୁଡ଼ା, ବିଷମକଟକ, ଦୁର୍ଗୀ, ଚାଟିକଣା, ଆମ୍ବାଦଳା, ଥେରୁବାଲି ଓ ପଡୋଶୀ କଳାହାଣ୍ଡି ଜିଲା ବିଶ୍ୱନାଥପୁର ଅଞ୍ଚଳର ମୋଟ ୧୩୫ ଛାତ୍ରୀଛାତ୍ର ଭାଗନେଇଥିଲେ। ସେମାନେ ବିଜ୍ଞାନ ପ୍ରୟୋଗ, ବିଜ୍ଞାନ ପତ୍ରବାଚନ, ପ୍ରଶ୍ନମଞ୍ଚ, ବୈଦିକ ଗଣିତ ପ୍ରୟୋଗ, ସଂସ୍କୃତି ପ୍ରଶ୍ନମଞ୍ଚ ସହ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ମଣ୍ଡଳୀ ଭାବେ ଶିକ୍ଷକ ସୁଧୀର କୁମାର ଦଳପତି, ରଞ୍ଜନ ପଟ୍ଟନାୟକ, ଶିକ୍ଷୟିତ୍ରୀ ନନ୍ଦିତା ମହାପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ସଙ୍କୁଳ ପ୍ରମୁଖ ଗୌତମ ମଲ୍ଲିକ, ଆମ୍ବାଦଳା ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବିଶ୍ୱନାଥ ଠାକୁର ପ୍ରମୁଖଙ୍କ ସମେତ ସଂକୁଳର ପ୍ରଧାନ ଆଚାର୍ଯ୍ୟମାନେ ଉପସ୍ଥିତ ଥିଲେ।


ଅତିଥି ଛାତ୍ରୀଙ୍କ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଶିଶୁ ଉଦ୍ୟାନ

ରାୟଗଡା, ୧୩।୮ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ସହରର ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଶିଶୁ ଉଦ୍ୟାନ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ ପାଲଟିଛି। ପାର୍କ ଭିତରେ ଗଦା ଗଦା ମଦ ବୋତଲ ପଡ଼ିଥିବା ଦେଖିବାକୁ ମିଳୁଛି। ମଦ୍ୟପ ବ୍ୟକ୍ତିଙ୍କ ଭୟରେ ଅଭିଭାବକମାନେ ପିଲାଙ୍କୁ ପାର୍କ ଛାଡୁ ନ ଥିବା ଅଭିଯୋଗ କରିଛନ୍ତି।

ଶିଶୁମାନଙ୍କ ଖେଳିବା ବୁଲିବା ଏବଂ ବୟସ୍କ ଲୋକଙ୍କ ସମୟ ବିତାଇବା ଲକ୍ଷ୍ୟ ନେଇ ୨୦୧୬ରେ ପୌର ପରିଷଦ ପକ୍ଷରୁ ଏହି ପାର୍କ ନିର୍ମାଣ କରାଯାଇଛି। ପାର୍କ ନିର୍ମାଣ ପରଠାରୁ ରକ୍ଷଣା ବେକ୍ଷଣ ଅଭାବରୁ ମାତ୍ର ୭ ବର୍ଷ ଭିତରେ ପାର୍କରେ ଥିବା ଶିଶୁଙ୍କ ଖେଳନା ସାମଗ୍ରୀ ସବୁ ଭାଙ୍ଗିରୁଜି ଗଲାଣି। ସ୍ଲୋପ, ସ୍ଲାଇଡ଼, ସୁଇଙ୍ଗ, ଦୋଳି, ପ୍ଲେ ଷ୍ଟେଶନ ପ୍ରମୁଖ ଭାଙ୍ଗି ଯାଇଥିବାବେଳେ ଲୋକମାନେ ବସିବା ପାଇଁ ରହିଥିବା ଚେୟାର ମଧ୍ୟ ଭାଙ୍ଗିଯାଇଛି। ଲାଇଟ, ପାଣି ସବୁ ଅଚଳ ପଡ଼ିଥିବାବେଳେ ଶୌଚାଳୟ ପାଇପ ସବୁ ଚୋରି ହୋଇଯାଇଛି। ସେହିପରି ସୌନ୍ଦର୍ଯ୍ୟକରଣ ପାଇଁଥିବା ଜଳ ଫୁଆରାର ପାଣି ଅପରିଷ୍କାର ହୋଇ ରହିଛି। କେହି ଏଠାକୁ ଆସୁ ନାହାନ୍ତି କି, ଏହାର ତଦରଖ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ରାୟଗଡା ପୌର ପରିଷଦ ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ରାୟଗଡାରେ ରେଳ ବିଭାଗର ୩ୟ ରେଳ ଲାଇନ କାର୍ଯ୍ୟ ଚାଲୁ ରହିଛି। ଏହି ଶିଶୁ ଉଦ୍ୟାନ ଦେଇ ରେଳଲାଇନ ଯିବାର ଯୋଜନା ଥିବାରୁ ଏବଂ ପାର୍କ ରେଳ ବିଭଗ ଜମିରେ ଥିବାରୁ ତେଣୁ ଏହାକୁ ଭଙ୍ଗାଯିବ ବୋଲି ଜଣାପଡିଛି। ତେବେ ପାର୍କରେ ଥିବା ସମସ୍ତ ଖେଳନା ସାମଗ୍ରୀ ଆଣି ଅଲଗା ସ୍ଥାନରେ ଲଗାଯିବ ବୋଲି ସେ କହିଛନ୍ତି। ଏହା ରେଳ ବିଭାଗ ଜମି ହୋଇଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଯାଞ୍ଚ କରା ନ ଯାଇ ସେଠାରେ କିପରି ପାର୍କ ନିର୍ମାଣ କରାଯାଇଥିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାୟଗଡାର ଜନସଂଖ୍ୟା ୯୦ ହଜାରରୁ ଅଧିକ ଥିବାବେଳେ ସହରରେ ମାତ୍ର ୩ଟା ପାର୍କ ରହିଛି। ତେଣୁ ରାୟଗଡାରେ ଏକ ଉନ୍ନତ ଧରଣର ପାର୍କର ଆବଶ୍ୟକତା ଥିବା ବୁଦ୍ଧିଜୀବୀ ଦାବି କରିଛନ୍ତି।



ଅବ୍ୟବସ୍ଥାରେ ଥିବା ଶିଶୁ ପ୍ରମୋଦ ଉଦ୍ୟାନ।

## ସଂକ୍ଷେପରେ

### ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)

ସ୍ୱାଧୀନତା ଦିବସ ଉପଲକ୍ଷେ ଜୟପୁର ବିକ୍ରମଦେବ ବିଶ୍ୱ ବିଦ୍ୟାଳୟର ଏନସିସି ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ବିକ୍ରମଦେବ ବିଶ୍ୱ ବିଦ୍ୟାଳୟରୁ ବାହାରି ଟ୍ରାଫିକ ଛକ, ବାଙ୍ଗମଠ ଦେଇ ରଜାନହରଠାରେ ପହଞ୍ଚିଥିଲା। କାର୍ଯ୍ୟକ୍ରମକୁ ଏନସିସିର ମୁଖ୍ୟ ସିଟିଓ ସନ୍ତୋଷିନୀ ପୁଣ୍ଡା ପରିଚାଳନା କରିଥିଲେ। ଏନସିସି କ୍ୟାଡେଟ ଶିଳ୍ପା ସାହୁ, ଇତିଶ୍ରୀ ମହାରଣା, ସୁଦୀପ୍ତାରାଣୀ ପୁଷ୍ଟି, ମିନତି ଗୌଡ, ମୌସୁମୀ ନାୟକ, ଗୌରୀ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାଧୀନତା ଦିବସ ଉପଲକ୍ଷେ କବିତା ଆସର



କୋରାପୁଟ, ୧୩।୮ (ଅମିତାଭ ବେହେରା)

ସ୍ୱାଧୀନତା ଦିବସ ଅବସରରେ କୋରାପୁଟ ଜିଲା ପ୍ରଶାସନ ଓ ସାହିତ୍ୟ ପରିବାର ମିଳିତ ଆନୁକୂଲ୍ୟରେ ରବିବାର ଡିଆରଡିଏ ସଦଭାବନା ସମ୍ମିଳନୀ କକ୍ଷରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆସରକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ କବି ତଥା ଶିକ୍ଷାବିତ ଉମାକାନ୍ତ ଦାସଙ୍କ ଫଟୋଚିତ୍ରରେ ପ୍ରଧାନ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଡ.ପ୍ରୀତିଧାରା ସାମଲ, ବିଜୟ ପ୍ରଧାନ, କବୟିତ୍ରୀ ଝାନସି ସିଂ, ନାରାୟଣ ପଣ୍ଡା, ଜଳଧର ସ୍ୱାଇଁଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। କବିତା ଆସରକୁ ରବି ଶତପଥୀ ପରିଚାଳନା କରିଥିଲେ।

# ଶ୍ରାବଣରେ ବର୍ଷା ନାହିଁ, ଆଗେଇ ପାରୁନି ଚାଷ

## ଜଳସେଚନ ସୁବିଧା ନାହିଁ, ଚିନ୍ତାରେ ଚାଷୀ

ଝରିଗାଁ, ୧୩।୮ (କିଶୋର ଚନ୍ଦ୍ର ମଣ୍ଡଳ):

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ସ୍ୱଳ୍ପ ବର୍ଷା ଯୋଗୁଁ ଚାଷୀ ଏବେ ଚିନ୍ତାରେ ପଡ଼ିଛି। ବ୍ଲକରେ ୩୩୩.୪ ହେକ୍ଟର ଜମିରେ ଧାନ ତଳି ପଡିଥିବାବେଳେ କାଦୁଅ ପାଇଁ ଆବଶ୍ୟକ ବର୍ଷା ହେଉ ନ ଥିବାରୁ ଚାଷୀ ଧାନ ରୁଆ କରିପାରୁନାହିଁ। ଫଳରେ ଝରିଗାଁ ବ୍ଲକରେ ୩୩୩୪ ହେକ୍ଟର ଧାନ ଜମି ପଡିଆ ପଡ଼ିଛି। ଅନ୍ୟପକ୍ଷେ ଧାନ ତଳି ପାକଳ ହୋଇଯାଇଥିବା ବେଳେ ସେହି ତଳିକୁ ରୁଆ କଲେ ମଧ୍ୟ ପିଲ କମ୍ ହେବା ସହ ଅମଳ କମିଯିବ ବୋଲି ଚାଷୀ କହୁଛନ୍ତି। ଏହି ବ୍ଲକରେ ଅଳ୍ପ କିଛି ଚାଷୀଙ୍କ ଜମିକୁ ଜଳସେଚନ ସୁବିଧା ଥିବାରୁ ସେମାନଙ୍କ ଧାନ ରୁଆ କାମ ଶେଷ ହୋଇଯାଇଅଛି। ଯେଉଁ ଚାଷୀ ମାନଙ୍କର ଜଳ ସେଚନ ସୁବିଧା ନାହିଁ ସେମାନେ ତଳିକୁ ବଞ୍ଚାଇବା ପାଇଁ ନିକଟରେ ଥିବା କୂଅ ପୋଖରୀ ଏବଂ ନାଳରୁ ପାଣି ସଂଗ୍ରହ କରି ତଳି ଘେରରେ ପକାଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ବର୍ଷା ଅଭାବରୁ ଧାନ ଜମି ମାଟି ଫାଟି ଆଁ କଲାଣି। ଯାହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଯାଇଛି। ବ୍ଲକ୍‌ରେ ଚଳିତ ବର୍ଷ ଜୁନ ମାସରେ ୧୬୭.୨ମିଲିମିଟର, ଜୁଲାଇରେ ୨୯୮ ମିଲି ମିଟର ଏବଂ ଅଗଷ୍ଟରେ ମାତ୍ର ୪୪ ମିଲିମିଟର ବର୍ଷା ହୋଇଛି। ଫଳରେ ବର୍ଷା ଅଭାବ ଯୋଗୁଁ ତଳିଗୁଡିକର ରଙ୍ଗ ପରିବର୍ତ୍ତନ ହେବା ସହ ଝାଉଁଳି ଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। କିଛି ଦିନ ମଧ୍ୟରେ ଝରିଗାଁ ବ୍ଲକରେ ଜମିରେ କାଦୁଅ ହେଲା ଭଳି ବର୍ଷା ନ ହେଲେ ପରିସ୍ଥିତି ଶୋଚନୀୟ ହେବ ବୋଲି ଆଶଙ୍କା କରାଯାଉଛି। ସେହିପରି ମକା ଚାଷୀମାନେ ମଧ୍ୟ ସମସ୍ୟାରେ ପଡିଛନ୍ତି।

ପ୍ରକାଶ ଯେ ଝରିଗାଁ ବ୍ଲକରେ, ୧୬୮୩୫ ଜଣ ଚାଷୀ ରହିଥିବା ବେଳେ ଚଳିତ ବର୍ଷ ୮୬୫୦ ହେକ୍ଟର ଜମିରେ ବିଭିନ୍ନ କିସମର ଧାନ ଚାଷ ହେଉଛି। ସେହିପରି ୭୯୫୦ ହେକ୍ଟରରେ ମକା ଚାଷ ହେଉଥିବା ବେଳେ ୪୭୦ ହେକ୍ଟର ଜମିରେ ପରିବା ଚାଷ ହେଉଥିବା ସୂଚନା ମିଳିଛି। ଗତ ବର୍ଷ ଖରିଫ ଋତୁରେ ୪୭୨୬ ହେକ୍ଟର ଜମିରେ ଜଳସେଚିତ ହେଉଥିବା ପ୍ରଶାସନ ପକ୍ଷରୁ ଦର୍ଶାଯାଇଥିବା ବେଳେ ବାସ୍ତବରେ ତାହା ଢେର କମ ହେବ ବୋଲି କୁହାଯାଇଛି। ଯଦି ପ୍ରଶାସନ ପକ୍ଷରୁ ଝରିଗାଁ ବ୍ଲକରେ ଥିବା ଜମିରେ ଜଳସେଚନ ସୁବିଧା କରାଯାଏ, ତେବେ ଚାଷୀ ବର୍ଷା ପାଣିକୁ ନିର୍ଭର ନ କରି ବର୍ଷକୁ ଦୁଇ ଥର କିମ୍ବା ୩ ଥର ଚାଷ କରିବା ସହ ଆର୍ଥିକ ମାନଦଣ୍ଡ ବଢ଼ି ପାରିଥାନ୍ତା ବୋଲି କୁହାଯାଉଛି। ତେଣୁ ପ୍ରଶାସନ ତୁରନ୍ତ ଚାଷ ଜମିରେ ଜଳସେଚନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି। ଚଳତବର୍ଷ ଖରିଫ ଋତୁରେ ଝରିଗାଁ ବ୍ଲକରେ ୩୧୫୦ ଜଣ ଚାଷୀ ୨୫୮୩.୮ହେକ୍ଟର ଚାଷ ଜମି ସକାଶେ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଛନ୍ତି। ସ୍ୱଳ୍ପ ସମୟ ଅବଧି ରହିଥିବା ହେତୁ ବହୁ ଚାଷୀ ଏହି ବୀମା କରିବାରୁ ବଞ୍ଚିତ ରହିଥିବା ଜଣାପଡିଛି।



ବର୍ଷା ନ ଥିବା ଯୋଗୁ ଧାନ ଜମି ଫାଟି ଆଁ କରିଛି।

# ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା

## ପ୍ରଦୀପ ମାଝୀଙ୍କ ଉମରକୋଟ ଗସ୍ତ



ପ୍ରଦୀପ ମାଝୀଙ୍କ ସହ ଅନ୍ୟମାନେ।

ଉମରକୋଟ, ୧୩।୮ (ସନ୍ତୋଷ ଶତପଥୀ)

ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ରବିବାର ଦିନିକିଆ ଉମରକୋଟ ଗସ୍ତରେ ଆସିଥିଲେ। ମାଝୀ ପ୍ରଥମେ କୁର୍ସୀ ଗ୍ରାମ ପଞ୍ଚାୟତର ଡଙ୍ଗରପାରା ବୁରୂଜା, ପୁଜାରୀଗୁଡା, ସିର୍ଲିଗୁଡା ରାଜସ୍ୱ ଗ୍ରାମ ଏବଂ ମୃତମା ଓ ଖଡକା ଗ୍ରାମ ଗସ୍ତ କରି ସେଠାରେ ବିଜେଡ଼ି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ୨୦୧୭ ମସିହାରେ ଆରମ୍ଭ ହେଇଥିଲେ ମଧ୍ୟ କୋଭିଡ କାରଣ ଯୋଗୁ କାର୍ଯ୍ୟକ୍ରମ ବନ୍ଦ ଥିଲା। ବର୍ତ୍ତମାନ ଏହି ପରିଷଦରେ ୨୩ ଟା ଜିଲା ଓ ୧୭୩ ଆଦିବାସୀ ବହୁଳ ବ୍ଲକକୁ ସାମିଲ କରାଯାଇଛି ବୋଲି ପ୍ରଦୀପ ମାଝି କହିବା ସହ ଆଗାମୀ ୬୦ ଦିନ ମଧ୍ୟରେ ୧୦୦ଟା ବ୍ଲକ ନିଜେ ଗସ୍ତ କରି ଆଦିବାସୀ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ ବୋଲି କହିଛନ୍ତି। ଉମରକୋଟ ବ୍ଲକକୁ ପରିଷଦ ପକ୍ଷରୁ ଦେଢ଼ କୋଟି ଟଙ୍କା ଅନୁଦାନ ଦିଆଯାଇଥିବା ମାଝୀ ସୂଚନା ଦେଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ଗୋଣ୍ଡି, ଭତ୍ରା ଓ କୁଇ ଭାଷାରେ ପୁସ୍ତକ ଅନୁବାଦ କରି ଆଦିବାସୀ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯିବ ବୋଲି ସେ କହିଥିଲେ। ଖୁବଶୀଘ୍ର ନବରଙ୍ଗପୁରଠାରେ ଆଦିବାସୀ ଯୁବକମାନଙ୍କୁ ନେଇ ଏକ ବିଶାଳ କନକ୍ଲେଭ କରାଯିବ ବୋଲି ସେ କହିଥିଲେ। ପରିଷଦ ସହ ବର୍ତ୍ତମାନ ସରକାରଙ୍କ ୧୦ ଟି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଯୋଡ଼ା ଯାଇଛି, ଯାହା ଦ୍ୱାରା ଆଦିବାସୀଙ୍କ ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ମାଝୀ କହିଥିଲେ। ପୂର୍ବତନ ଏମ୍‌ପି ମାଝୀଙ୍କ ସହ ଉମରକୋଟ ବ୍ଲକ ବିଜେଡି ସଭାପତି ମନୋଜ କୁମାର ଧଳ, କାଉନସିଲର ତପନ କୁମାର ଦେବନାଥ, ଏସଡିସି ସଭ୍ୟ ଶିବ ସାନ୍ତା, ସମିତି ସଭ୍ୟ ହିରାଲାଲ ମାଝୀ, ନାଫେଡର ନିର୍ଦ୍ଦେଶକ ବିର ସିଂ ମାଝି, ମିଥୁନ କିର୍ତ୍ତନୀୟା, ରାମ ସର୍ଦ୍ଧାର ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ରାଜସ୍ୱ ଅମଲା ସଂଘ କାର୍ଯ୍ୟକାରିଣି ପରିଷଦ ବୈଠକ

ନବରଙ୍ଗପୁର, ୧୩।୮ (ସଦାଶିବ ପ୍ରହରାଜ)

ଓଡ଼ିଆ ରାଜସ୍ୱ ଅମଲା ସଂଘର ପ୍ରଥମ କାର୍ଯ୍ୟକାରିଣୀ ପରିଷଦ ବୈଠକ ବରଗଡ଼ ଜିଲା ସଦର ମହକୁମା ବିଜୁ ପଟ୍ଟନାୟକ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତଥା ନବରଙ୍ଗପୁର ତ୍ରିପତି ବାଲାଜୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ସମ୍ମାନିତ ଅତିଥି ଭାବେ ବରଗଡ ଅତିରିକ୍ତ ଜିଲାପାଳ ମିର୍ଜା ଟୋପ ଯୋଗଦେଇ ବୈଠକର ଶୁଭାରମ୍ଭ କରିଥିଲେ। ବିଭିନ୍ନ ଜିଲାରୁ ଯୋଗ ଦେଇଥିବା ରାଜସ୍ୱ ଅମଲା ଏବଂ କର୍ମକର୍ତ୍ତାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଆଚାର୍ଯ୍ୟ ଅମଲାଙ୍କ ଦାବିଗୁଡିକ ଯଥାର୍ଥ ଏବଂ ଏହା ଉପରେ ମୁଖ୍ୟମନ୍ତ୍ରୀ ଅବଗତ ଅଛନ୍ତି ବୋଲି କହିଥିଲେ। ଦାବିଗୁଡିକ କିପରି ଶୀଘ୍ର ପୂରଣ ହୋଇପାରିବ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ଏହାକୁ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ଉଦଘାଟନୀ ଉତ୍ସବ ପରେ ସଂଘର କାର୍ଯ୍ୟକାରୀ ପରିଷଦ ବୈଠକ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବଗୁଡିକ ଗୃହିତ ହୋଇଥିଲା। ସରକାରଙ୍କ ସତନ୍ତ୍ର କାର୍ଯ୍ୟକ୍ରମ ଜୀବନବିନ୍ଦୁ ଯୋଜନାକୁ ଜିଲାସ୍ତରରେ ନିର୍ଦ୍ଧାରିତ ଗୋଟିଏ ଦିନରେ ଆୟୋଜନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲାସ୍ତରୀୟ ଅମଲାମାନଙ୍କ ବେତନରେ ଥିବା ଅସଙ୍ଗତିକୁ ତୁରନ୍ତ ସମାଧାନ କରିବା ପାଇଁ ରାଜ୍ୟ ସରକାରଙ୍କ ସହିତ ସୁସମ୍ପର୍କ ରଖି ଆଲୋଚନା କରିବାକୁ ନିଷ୍ପତ୍ତି ନିଆଗଲା। ସେହିପରି ଜିଲାସ୍ତରୀୟ ଅମଲାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ କରିବା ପାଇଁ ଉପସ୍ଥିତ ସମସ୍ତ ସଦସ୍ୟ ଦାବି କରିଥିଲେ। ଜିଲା ସ୍ତରରେ ଖାଲିଥିବା ପଦବୀ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଅମଲା ସଂଘର ମୁଖ୍ୟ ଉପଦେଷ୍ଟା ସୁଧାକର ମହାପାତ୍ର, ଅଧକ୍ଷ ଲୋକେଶ୍ୱର ସାହୁ, କାର୍ଯ୍ୟକାରିତା କମିଟିର ଅଧକ୍ଷ ପ୍ରସନ୍ନ ନାୟକ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, ବରଗଡ ଜିଲା ସଭାପତି ପ୍ରହଲ୍ଲାଦ ବେହ୍ରା, ସମ୍ପାଦକ ପ୍ରକାଶ କୁମାର ସାହୁ, ରମାକାନ୍ତ ସାହୁ ଏମ ଶିବଶଙ୍କର ଦୋରା, ହିମାଂଶୁ ଦାସ, ରୁଷି ସାହୁ, ବାଳମୁକୁନ୍ଦ ଦୀପ, ପ୍ରଶାନ୍ତ ମିଶ୍ର, ଗୌରାଙ୍ଗ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଟିକିରି, (ପ୍ରଫୁଲ୍ଲ ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ବାଲିଆଗୁଡା ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଡୁଯେର୍ ଗ୍ରାମର କାନ୍ତାରୁ ନାଏକଙ୍କ ପୁଅ ବାଲେଶର ନାଏକ। ବାଲେଶର ଡଙ୍ଗାସିଲଠାରୁ କୌଣସି କାମରେ ବାଇକ ଯୋଗେ ଟିକିରି ନୂଆପଡ଼ା ଅଭିମୁଖେ ଯାଉଥିବାବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏକ ବୋଲେରୋ ଯୋଗେ ଉତ୍କଳ ଉଷାପୋଡା ମେଡିକାଲକୁ ନେଇଥିଲେ। ହେଲେ ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## କେଡିଏଫ୍‌ଏ କପ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ କ୍ୱାର୍ଟରରେ ବଡଚିନ୍ଦ୍ରୀ ବିଜୟୀ

କୋରାପୁଟ, ୧୩।୮ (ଅମିତାଭ ବେହେରା)

କୋରାପୁଟ ଜିଲା ଫୁଟବଲ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଓଏସ୍‌ଏପି ତୃତୀୟ ବାଟାଲିୟନ ପଡିଆଠାରେ ଚାଲିଥିବା ଜିଲାସ୍ତରୀୟ କେଡିଏଫଏ କପ୍ ଫୁଟବଲ ଟୁର୍ନାମେଣ୍ଟର ଆୟୋଜିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ବଡଚିନ୍ଦ୍ରୀ ଦଳ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ରବିବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ବଡଚିନ୍ଦ୍ରୀ ଦଳ ଓ ଆମ୍ବେଡକର ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ବଡ ଚିନ୍ଦ୍ରୀ ଦଳ ବିପକ୍ଷ ଆମ୍ବେଡକର ଦଳକୁ ୧–୦ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟରେ ଅତିଥିଭାବେ ସାମାଜିକ କର୍ମୀ ତ୍ରିନାଥ ପାଥିକା ଓ ମନୋଜ ଆଚାର୍ଯ୍ୟ ଯୋଗଦେଇଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ରେଫରି ଭାବେ ଜଗନ୍ନାଥ ମାଝି, ଲାଇନସମ୍ୟାନ ଭାବେ ବି.ବିଦ୍ୟାଧର ଓ ଅମିତ ସ୍ୱାଇଁ, ଅନ୍ୟତମ ରେଫରି ଭାବେ ପି.କେ ଖାଡଙ୍ଗା ଓ ଜେ କ୍ରିଷ୍ଣା ରାଓ ମ୍ୟାଚ ପରିଚାଳନା କରିଥିଲେ।

# ଉମରକୋଟରେ ତ୍ରିରଙ୍ଗା ଯାତ୍ରା

ଉମରକୋଟ/ରାଇଘର, ୧୩।୮ (ସନ୍ତୋଷ ଶତପଥୀ/କିରଣ ପଟ୍ଟନାୟକ)



ଉମରକୋଟରେ ବାହାରିଥିବା ତ୍ରିରଙ୍ଗା ଯାତ୍ରା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସାରା ଦେଶରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଉମରକୋଟ ନିର୍ବାଚନ ମଣ୍ଡଳୀ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ଉଦ୍ୟମ କ୍ରମେ ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ବ୍ଲକ୍ ବଡ଼ଭରଣ୍ଡିସ୍ଥିତ ସହିଦ ସ୍ତମ୍ଭଠାରୁ ଯାତ୍ରା ଆରମ୍ଭ ହୋଇଥିଲା। ଏହି ଅବସରରେ ସହୀଦ ବଗା ପୂଜାରୀଙ୍କ ଦାୟାଦ ଭାବେ ଗୋପାଳ ପୂଜାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ସ୍ୱାଧୀନତା ସଂଗ୍ରାମୀ ରବି ସିଂ ମାଝୀଙ୍କ ଦାୟାଦ ସନ୍ତୋଷ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଯାତ୍ରା ରାଇଘର ବ୍ଲକ୍‌ର ଭାରଶୁଣ୍ଡି ଗ୍ରାମ ପର୍ଯ୍ୟନ୍ତ ଯାଇଥିଲା। ରାସ୍ତା ମଧ୍ୟରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରାଯାଇଥିଲା। ଭାରଶୁଣ୍ଡି ଗ୍ରାମରେ ନିକଟରେ ସହୀଦ ହୋଇଥିବା ସୈନ୍ୟ ଶେଖର ଲାଲାଙ୍କ ପରିବାର ବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ରାଇଘର ଅଞ୍ଚଳର ୮ ଜଣ ପୂର୍ବତନ ସୈନ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଏହି ତ୍ରିରଙ୍ଗା ଯାତ୍ରାରେ ବହୁ ସଂଖ୍ୟାରେ ଜଣ ସାଧାରଣ ଯୋଗ ଦେଇଥିଲେ।

# ନ୍ୟାଯ୍ୟ ଦାବି ହାସଲ ନେଇ ସଜବାଜ

## ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକ, କର୍ମଚାରୀ ସଂଘ ବୈଠକ

ନବରଙ୍ଗପୁର, ୧୩।୮ (ସଦାଶିବ ପ୍ରହରାଜ)

ନୂତନ ଅନୁଦାନ ପ୍ରାପ୍ତ (ବ୍ଲକ ଗ୍ରାଣ୍ଟ) ହାଇସ୍କୁଲ ଶିକ୍ଷକ ଓ କର୍ମଚାରୀ ସଂଘ ଜିଲା ଶାଖା ପକ୍ଷରୁ ଏକ ଜରୁରୀକାଳୀନ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସମସ୍ୟା ଓ ଆଗାମୀ କାର୍ଯ୍ୟ ପନ୍ଥା ନେଇ ବୈଠକରେ ଆଲୋଚନା ହୋଇଥିଲା। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବୁର୍ଜା ମା' ପେଣ୍ଡ୍ରାଣୀ ହାଇସ୍କୁଲଠାରେ ପ୍ରଧାନ ଶିକ୍ଷକ ଅଜୟ କୁମାର ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ରାମଚନ୍ଦ୍ର ଦାଶ, ସାଧାରଣ ସମ୍ପାଦକ କାଶୀନାଥ ମହାନ୍ତି, ଜିଲା ଉପସଭାପତି ବିଭୂତି ଭୂଷଣ ବରାଳ ଓ ସହ ସମ୍ପାଦିକା ଇନ୍ଦିରା ପଟ୍ଟନାୟକ ମଞ୍ଚାସୀନ ଥିଲେ। ଜିଲାର ୩୨ ବ୍ଲକ ଗ୍ରାଣ୍ଟ ପ୍ରାପ୍ତ ବିଦ୍ୟାଳୟର ପ୍ରାୟ ୧୫୦ ଶିକ୍ଷକ ଓ କର୍ମଚାରୀ ଯୋଗ ଦେଇଥିଲେ। ଶିକ୍ଷକଙ୍କ ନ୍ୟାର୍ଯ୍ୟ ଦାବି ହାସଲ ନେଇ ସଜବାଜ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି।

ରାଜ୍ୟ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମସ୍ୟା ଉପରେ ଭିଡିଓ ବର୍ତ୍ତାଳାପ ମାଧ୍ୟମରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ତଥା ପେନସନ, ଚାକିରି ସର୍ତ୍ତାବଳି ଓ ଅନୁକମ୍ପାମୂଳକ ନିଯୁକ୍ତିକୁ କିପରି ଲାଗୁ କରାଯିବ ସେ ନେଇ ଆଲୋକପାତ କରିଥିଲେ। ହାଇକୋର୍ଟଙ୍କ ଆଦେଶକୁ ସରକାର ପାଳନ କରୁ ନ ଥିବାରୁ ସଂଘ ପକ୍ଷରୁ ସରକାରଙ୍କ ସହିତ ଆଲୋଚନା କରିବେ ବୋଲି ମତ ପ୍ରକାଶ କରିଥିଲେ। ଜିଲା ଶିକ୍ଷକ ସଙ୍ଘର ଆଇନ ପରାମର୍ଶ ଦାତା କୌଶିକ କୁମାର ସ୍ୱାଇଁ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଆଣ୍ଟିଡେଣ୍ଟିଂ ମାମଲା ତଥା ପେନ୍‌ସନ ବାବଦର ଖାରଜ ଆଦେଶ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ଜିଲା ସଙ୍ଘର ସଭାପତି ରାମଚନ୍ଦ୍ର ଦାଶ ଶିକ୍ଷକ ମାନଙ୍କର ବିଭିନ୍ନ ବିଦ୍ୟାଳୟରେ ଘଟୁଥିବା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସଙ୍ଘର ଉପସଭାପତି ବିଭୁତି ଭୂଷଣ ବରାଳ ଶିକ୍ଷକମାନେ ଏକଜୁଟ ହୋଇ ଆଗାମୀ ବିଧାନସଭା ସମୟରେ ଶିକ୍ଷକଙ୍କ ଦାବିକୁ କିଭଳି ହାସଲ କରାଯିବ ସହିତ ଡିଏ, ୭ମ ବେତନ କମିଶନ ଏରିଅର ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଜିଲା ସଙ୍ଘର ସମ୍ପାଦକ କାଶୀନାଥ ମହାନ୍ତି ଜିଲାରେ ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସୁବିଧା ଅସୁବିଧା ଉପରେ ଆଲୋକପାତ କରିଥିଲେ। ଶିକ୍ଷକଙ୍କ ଚାକିରୀ ସର୍ତ୍ତାବଳୀ, ପେନସନ, ୨୨୫ ଓ ୩୧୯ ବିଧାଳୟର ଶିକ୍ଷକ ଓ କର୍ମଚାରୀ ମାନଙ୍କୁ କିପରି ୭ମ ବେତନ କମିଶନ ଆଧାରରେ ବେତନ ପ୍ରଦାନ କରାଯିବ ତାହା ଦାବି ରଖିଥିଲେ। ଜିଲାରେ ଅବସର ଗ୍ରହଣ କରିଥିବା ୧୧ ଜଣ ଶିକ୍ଷକ ଓ କର୍ମଚାରୀମାନେ କିଭଳି ସେମାନଙ୍କ ଅବସରକାଳୀନ ପ୍ରାପ୍ୟ ପାଇଁ ପାରିବେ ଏ ନେଇ ଆଲୋଚନା କରାଯାଇଥିଲା। ବୈଠକରେ କୋଦଭାଟା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଭୂପତି ଭୂଷଣ ପଟ୍ଟନାୟକ, ରାଜୀବ ଗାନ୍ଧୀ ଉଚ୍ଚ ବିଦ୍ୟାଳୟର କ୍ଷୀରୋଦ କୁମାର ପତି, ପ୍ରଭାକର ସାହୁ, ଜନନୀ ମାତା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଦାଶ, ରାଜୋଡା ଉଚ୍ଚ ବିଦ୍ୟାଳୟର ମୁକ୍ତିକାନ୍ତ ନାୟକ, ମୋତିଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ, କଟା ଗାଁ ଉଚ୍ଚ ବିଦ୍ୟାଳୟର ପ୍ରତାପ ଚନ୍ଦ୍ର ସ୍ୱାଇଁ, ରାବଣାଗୁଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଗାମ୍ବର ରାଉତ, ଜାଟାବାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱୟଂ ପ୍ରଭା ନନ୍ଦ, କାରାଗାଁ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିନୋଦ ବିହାରୀ ସାମଲ, ଅଞ୍ଚଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦଳପତି ରାୟ, ପରଚି ପରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱପ୍ନ କୁମାର ମଜୁମଦାରଙ୍କ ସମେତ ୩୨ ବିଦ୍ୟାଳୟର ପ୍ରମୁଖ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। କୋଡ଼ଭାଟା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଭୂପତି ଭୂଷଣ ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ହାଇସ୍କୁଲ ଶିକ୍ଷକ ଓ କର୍ମଚାରୀ ସଂଘର କର୍ମକର୍ତ୍ତା।

# ସରକାରୀ ଦଳ ୩–୦ ରେ ପରାସ୍ତ

## ସ୍ୱାଧୀନତା ଦିବସ ଅବସରରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ

ଉମରକୋଟ, ୧୩।୮ (ସନ୍ତୋଷ ଶତପଥୀ)

ସ୍ୱାଧୀନତା ଦିବସ ଅବସର ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ରବିବାର ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ସରକାରୀ ୧୧ ଓ ବେସରକାରୀ ୧୧ ମଧ୍ୟରେ ଅନୁଷ୍ଠିତ ହେଇଯାଇଛି। ସ୍ୱାଧୀନତା ଦିବସ ପାଳନ କମିଟି ଦ୍ୱାରା ଆୟୋଜିତ ଏହି ଫୁଟବଲ ମ୍ୟାଚରେ ବେସରକାରୀ ଦଳ ସରକାରୀ ଦଳକୁ ୩– ୦ ଗୋଲରେ ପରାସ୍ତ କରିଥିଲା। ସରକାରୀ ଦଳର ଅଧିନାୟକ ଉମରକୋଟ ବିଡିଓ ଡ. ହିମାଚଳ ମାଝୀ ହୋଇଥିବା ବେଳେ ବେସରକାରୀ ଦଳର ଅଧିନାୟକ ଗୋପାଳ କୃଷ୍ଣ ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ମ୍ୟାଚରେ ରେଫେରୀ ଥିଲେ କ୍ରୀଡ଼ା ଶିକ୍ଷକ ଏମ. ବିଜୟ କୁମାର ଓ ସପନ ବୈରାଗୀ। ମୁଖ୍ୟ ଅତିଥି ରୂପେ ଉମରକୋଟ ତହସିଲଦାର ତୁଳା ମୁଦୁଲି, ସମ୍ମାନିତ ଅତିଥି ଭାବରେ ପୂର୍ବତନ ନଗରପାଳ ଝା ମହାନ୍ତି, ସରକାରୀ ଓକିଲ ଶ୍ରୀନିବାସ ପଟ୍ଟନାୟକ, ପୌର ଉପାଧକ୍ଷ ସୁଧାଂଶୁ ଦାସ ଉପସ୍ଥିତ ଥିଲେ। ମ୍ୟାଚକୁ ଓକିଲ ସଙ୍ଘ ସଭାପତି ପ୍ରଶାନ୍ତ କୁମାର ସାହୁ, ସରକାରୀ ଓକିଲ ମନୋହର ମହାନ୍ତି ପରିଚାଳନା କରିଥିବାବେଳେ ବରଷ୍ଠ ଆଇନଜୀବୀ ଶାନ୍ତନୁ କୁମାର ବାହିନୀପତି, କେ.ଟି. ଜିଲାନି, ନାରାୟଣ ସାହୁ, ପ୍ରଶାନ୍ତ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ବିଜୟୀ ବେସରକାରୀ ଦଳକୁ ସ୍ୱାଧୀନତା ଦିବସରେ ପୁରସ୍କାର ପ୍ରଦାନ କରାଯିବ।



ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚର ଖେଳାଳିମାନେ।

# ବର୍ଷା ଅଭାବରୁ ଜମି ଫାଟି ଆଁ କଲାଣି

## ଅଧାପନ୍ତରିଆ ସେଚ ପ୍ରକଳ୍ପ

ଡାବୁଗାଁ, ୧୩।୮ (ପ୍ରଜ୍ଞା ରଞ୍ଜନ ପରିଡା)

ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ ହେଲା। ଏବେ ଧାନ ରୁଆ ବେଉଷଣ ପରେ ବର୍ଷା ଉଭାନ ହୋଇଯାଇଛି। ସେପଟେ ପାଣି ଅଭାବରୁ ଧାନ ଜମି ଫାଟି ଆଁ କଲାଣି। ଅନ୍ୟପକ୍ଷେ ଜିଲାରେ ଜଳସେଚନ ସୁବିଧା ନ ଥିବାବେଳେ ଉଠା ଜଳସେଚ ପଏଣ୍ଟ ଏକମାତ୍ର ଭରଷା। ତେବେ ଡାବୁଗାଁ ବ୍ଲକ ସନ୍ଧିଡଙ୍ଗରିଗୁଡାଠାରେ ଉଠାଜଳସେଚ ପ୍ରକଳ୍ପ ୭ ବର୍ଷ ହେବ କାମ କରୁ ନାହିଁ। ଏବେ ୧ ଶହ କର ଜମିରେ ହୋଇଥିବା ଚାଷ କିଭଳି ସୁରକ୍ଷିତ ରହିବ ସେ ନେଇ ଚିନ୍ତାରେ ପଡ଼ିଛି ଚାଷୀ।

ଡାବୁଗାଁ ବ୍ଲକ ସନ୍ଧିଡଙ୍ଗରିଗୁଡା ଅଙ୍ଗୀ ନଦୀ କୂଳରେ ଓଡିଶା ଆଗ୍ରୋ ଇଣ୍ଡଷ୍ଟ୍ରି କରପୋରେସନ ଲିମିଟେଡ ପକ୍ଷରୁ ୨୦୧୫–୧୬ ଆର୍ଥିକ ବର୍ଷରେ ଉଠାଜଳ ସେଚ ପ୍ରକଳ୍ପ ସ୍ଥାପନ କରାଯାଇଛି। ୧୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିଲା। ଏହି ପ୍ରକଳ୍ପ ମାଧ୍ୟମରେ ଶହେ ଏକର ଜମି ଜଳସେଚିତ ହେବ ବୋଲି ଲକ୍ଷ ଧାର୍ଯ୍ୟ ଥିଲା। ପ୍ରକଳ୍ପକୁ ନେଇ ଚାଷୀମାନେ ବହୁ ଆଶା ବାନ୍ଧିଥିଲେ। ହେଲେ ଗତ ୭ ବର୍ଷ ହେବ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ। ଟ୍ରାନ୍ସଫର୍ମର ଲାଗିବା ସହ ପାଇପ ବିଛାଯାଇଛି। କେବଳ ପାଣି ଉଠାଇବା ପାଇଁ ୭ ବର୍ଷ ହେଲା ମଟର ଲାଗିପାରୁ ନାହିଁ। ଫଳରେ ଉଠାଜଳସେଚ ପଏଣ୍ଟରୁ ଆଜି ପର୍ଯ୍ୟନ୍ତ ଟୋପାଏ ପାଣି ଚାଷୀ ପାଇପାରୁ ନାହାନ୍ତି। ଚାଷୀ ନିଜ ଖର୍ଚ୍ଚରେ ପାଣି ମଟର କିଣି ଓ ଭଡାରେ ଆଣି ନଦୀରୁ ପାଣି ଉଠାଇ ଜମିରେ ମଡାଉଛନ୍ତି ବୋଲି ସଦା ମାଝୀ, ବଳିରାମ ଭତରା, କୃଷ୍ଣ ପୂଜାରୀ କହିଛନ୍ତି। ଏହି ସମସ୍ୟା ନେଇ ଡାବୁଗାଁ ବ୍ଲକ୍‌ସ୍ତରୀୟ ଅଭିଯୋଗ ଶିବିରରେ ଗତ ମେ ୮ ତାରିଖ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ତଥାପି ଏହି ପ୍ରକଳ୍ପ କିଭଳି କାର୍ଯ୍ୟକାରୀ ହେବ ସେ ନେଇ କାହାର ନିଘା ନାହିଁ ବୋଲି ରଘୁନାଥ ଭତରା, ପିତାମ୍ବର ଭତରା, ଲେବ ପୂଜାରୀ, ଫୁଲସିଂ ମାଝି, ସମଦୁ ମାଝୀ, ତିଲୋ ଭତରା କହିଛନ୍ତି।



ଅଚଳ ହୋଇପଡ଼ିଥିବା ଉଠାଜଳ ସେଚ ପ୍ରକଳ୍ପ।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢାଉ, ୫ ଗିରଫ



ମାଲକାନଗିରି,୧୩।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ପୋଲିସ ଏକ ଜୁଆ ଆଡ୍ଡାରେ ଚଢାଉ କରି ରବିବାର ୫ ଜଣଙ୍କୁ ଗିରଫ କରିଛି। ଏକ ଟିମ୍ ମାଲକାନଗିରି ବ୍ଲକ ଅନ୍ତର୍ଗତ ଏମ୍‌ଭି ୮୪, ଏମ୍‌ଭି ୮୩ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବରପାଇ ଏମ୍‌ଭି ୮୪ ଗ୍ରାମରେ ଜଣଙ୍କ ଘରେ ଚଢାଉ କରିଥିଲା। ସେଠାରୁ ୫ଜଣଙ୍କୁ ଗିରଫ କରିଥିଲ । ଗିରଫମାନେ ହେଲେ ଏମ୍‌ଭି ୮୪ ଗ୍ରାମର ଅମଲ ଦେ, ବଲାଇ ମଣ୍ଡଳ, ଏମ୍‌ଭି ୮୩ ଗ୍ରାମର ସାମଲ ରାୟ, ଅମୂଲ୍ୟ ସରଦାର ଓ ପଦ୍ମଗିରି ଗ୍ରାମର ସାମଲ ଅଧିକାରୀ। ଏମାନଙ୍କ ନିକଟରୁ ୨୦,୮୨୦ ଟଙ୍କା ଜବତ ସହ ଦୁଇଟି ବାଇକ୍ ଜବତ କରାଯାଇଥିବା ମାଲକାନଗିରି ପୋଲିସ ସୂଚନା ଦେଇଛି।

### ଚୋରି ମାମଲାରେ ୭ ଗିରଫ

ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)

ଦୁଇଟି ଚୋରି ମାମଲାରେ ଜୟପୁର ସଦର ପୋଲିସ ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରଣ୍ଡାପାଲିର ଶିବ ପରଜା, ପାତ୍ରଗୁଡାର ଜମ୍ବୁ ଜାନି, ଟାଙ୍କୁଗୁଡାର ହରିହର ପରଜା, ରତ କାଣ୍ଡିଗୁଡାର ରାମନାଥ ମିନଆକା, ରାଜେଶ ପରଜା ଓ ବୋରିଗୁମ୍ମାର ଏସ. ବିନୋଦ (୨୨)। ସେମାନଙ୍କଠାରୁ ପାୱାର ଟିଲର, ଗ୍ରିଲ ଗେଟ ୨ଟି, ଲୁହା କବାଟ, ବେଲଛା ୨ଟି, ଫାଉଡା, ଲୁହା ଲଙ୍ଗଳ, ପାୱାର ଟିଲର ଷ୍ଟାଟର, ହ୍ୟାଣ୍ଡେଲ , ୫କେଜି ବଟକରା, ଟିଣ ପ୍ଲେଟ ୧୨ଟି, ପାଣି ରଖିବା ଡ୍ରମ୍‌୨ଟି, ଫ୍ରିଜ କଭର ଆଦି ପୋଲିସ ଜବତ କରିଛି । ଗଞ୍ଜାମର ମନୋଜ ବେହେରା ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ ଯେ, ରଣ୍ଡାପାଲ୍ଲିରେ ଥିବା ଫାର୍ମ ହାଉସରେ ସେ ଇନଚାର୍ଜ ଭାବେ କାର୍ଯ୍ୟ କରୁଛନ୍ତି । ସେଠାରେ ଓାଚମ୍ୟାନ ଭାବେ ପୀତବାସ ପରଜା ଥିଲେ । ମାତ୍ର ଫାର୍ମହାଉସରୁ ବିଭିନ୍ନ ପାୱାର୍ ଟିଲର ସହ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି । ଗତ ଫେବୃଆରିରୁ ଜୁଲାଇ ମଧ୍ୟରେ ପ୍ରାୟ ୧୦ ଲକ୍ଷ ଟଙ୍କାର ସମଗ୍ରୀ ଚୋରି ହୋଇଥିବା ବେହେରା ଏତଲାରେ ଉଲ୍ଲେଖ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ ତଦନ୍ତ ଚଳାଇଥିଲା। ତଦନ୍ତରୁ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଗିରଫ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି। ସେହିପରି ମୋଟର ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ପୋଲସ ଗିଫ କରିଛି। ସେ ହେଲେ ନନ୍ଦଗୁଡାର ମୁନା ଏଲିୟସ କମଳ ସନ୍ତୋଷ (୨୪)। ବାଟ ଜଗନ୍ନାଥପୁରର ଭଗବାନ ଜାନି ତାଙ୍କ ମୋଟର ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ସନ୍ତୋଷଙ୍କୁ ଗିରଫ କରି ତାଙ୍କଠାରୁ ମୋଟର ପମ୍ପ ଜବତ କରିଛି ।

# ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିରେ ବିଦ୍ୟାଳୟ ଘେରାଉ

## ଅରବିନ୍ଦ ଉଚ୍ଚ ବିଦ୍ୟାଳୟ

ପୋଟେରୁ,୧୩।୮ (ସୌରଭ ମଣ୍ଡଳ)/ ମାଲକାନଗିରି(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଚିତ୍ରାଙ୍ଗପଲ୍ଲୀ ପଞ୍ଚାୟତ ଏମ୍‌ଭି-୫୫ ଗାଆଁରେ ଥିବା ୫-ଟି ସ୍କୁଲର ବିଭିନ୍ନ ଅବ୍ୟବସ୍ଥା ସହ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟକଳାପ ଓ ଦୁର୍ବ୍ୟବହାରକୁ ନେଇ ଅଭିଭାବକଙ୍କ ସହ ପଞ୍ଚାୟତବାସୀ ଏହାକୁ ବିରୋଧ କରିଛନ୍ତି। ଚିତ୍ରାଙ୍ଗପଲ୍ଲୀ ଅରବିନ୍ଦ ଉଚ୍ଚ ବିଦ୍ୟାଳୟରେ ଆଖପାଖ ୫ ପଞ୍ଚାୟତର ପ୍ରାୟ ୧୬୫ ଛାତ୍ରୀଛାତ୍ର ପଢୁଛନ୍ତି। କିନ୍ତୁ ପିଲାଙ୍କୁ ଠିକ ଭାବେ ଶିକ୍ଷାଦାନ କରାଯାଉ ନ ଥିବାରୁ ଅନେକ ଛାତ୍ରୀଛାତ୍ର ଏଠାରେ ନାମ ଲେଖାଇ ଅନ୍ୟତ୍ର କୋଚିଂ ନେଉଥିବା ଜଣାପଡିଛି। ଶିକ୍ଷକମାନେ ଠିକ୍ ଭାବେ କ୍ଲାସ ନେଉ ନ ଥିବାରୁ ପିଲାଙ୍କୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଜେନା ପ୍ରାୟ ସମୟରେ ସ୍କୁଲକୁ ଆସୁନଥିବା ବେଳେ ବିଭିନ୍ନ କାମ ଆଳରେ ମାସ ମାସ ଧରି ବାହାରେ ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦେବା ପାଇଁ ଲାଞ୍ଚ ନେବା ସହ ପିଲାମାନଙ୍କୁ ନାମ ଲେଖାଇବା ଏବଂ ଟିସି ଦେବା ସମୟରେ ସମସ୍ତ ବିଦ୍ୟାର୍ଥୀଙ୍କ ଠାରୁ ୫ ଶହରୁ ଏକ ହଜାର ଟଙ୍କା ଲେଖାଏ ଲାଞ୍ଚ ଆଦାୟ କରିଥିବା ଅଭିଭାବକ ମାନେ କହିଛନ୍ତି। ଏଥିସହ ଗତ ଶିକ୍ଷା ବର୍ଷର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବୋର୍ଡ ପରୀକ୍ଷାରେ ଭଲ ନମ୍ବର ରଖି ପାସ କରାଇଦେବା କହି ୫ ହଜାର ଟଙ୍କା ତାଙ୍କ ବାପାଙ୍କଠାରୁ ଲାଞ୍ଚ ନେଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ୫ ହଜାର ଟଙ୍କା ଲାଞ୍ଚ ନେବା ପରେ ମଧ ଛାତ୍ରୀ ଜଣକ ପରୀକ୍ଷାରେ ବହୁତ କମ ନମ୍ବର ପାଇଥିବାରୁ ଅଭିଭାବକ ଜଣକ ପ୍ରଧାନଶିକ୍ଷକଙ୍କୁ ଭେଟି ଟଙ୍କା ଫେରସ୍ତ ମାଗିବାରୁ ପ୍ରଧାନ ଶିକ୍ଷକ ଓଲଟା ଦୁର୍ବ୍ୟବହାର କରିଥିବା ସେ କହିଛନ୍ତି। ଏକାଧିକ ଅଭିଯୋଗ ଆଣି ସ୍ଥାନୀୟ ସରପଞ୍ଚ, ଅଭିଭାବକ ଓ ପଞ୍ଚାୟତବାସୀ ବିଦ୍ୟାଳୟ ଆଗରେ ନାରା ଦେବା ସହ ସ୍କୁଲ ପକ୍ଷରୁ ଡକାଯାଇଥିବା ବୈଠକକୁ ବର୍ଜନ କରିଛନ୍ତି। ଏଥିସହ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟକୁ ବିରୋଧ କରିବା ସହ ଜିଲା ପ୍ରଶାସନ ଯଥାଶୀଘ୍ର ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଜେନାଙ୍କୁ ବଦଳି ନ କଲେ ଆଗାମୀ ଦିନରେ ରାଜରାସ୍ତା ଅବରୋଧ ସହ ଏହାର ବିରୋଧ କରାଯିବ ବୋଲି ସରପଞ୍ଚ କୌଶଲ୍ୟା କବାସି, ନାଏବ ସରପଞ୍ଚ ରତନ ମଜୁମଦାର, ସପନ ମଜୁମଦାର,ସମିତି ସଭ୍ୟଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଜେନାଙ୍କୁ ପଚାରିବାରୁ ସେ ଏ ସମସ୍ତ କଥାକୁ ଖଣ୍ଡନ କରି ଭିତ୍ତିଭୂମି ଓ ଶିକ୍ଷକ ଅଭାବ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା କହିଛନ୍ତି।




ସ୍କୁଲ ସମ୍ମୁଖରେ ଅଭିଭାବକମାନେ ବିକ୍ଷୋଭ କରୁଛନ୍ତି ।

# ଆଗାମୀ ନିର୍ବାଚନ ଲାଗି ବିଜେଡିକୁ ସୁଦୃଢ଼ କରିବାକୁ ବୈଠକ



ବିଜେଡି ବୈଠକରେ କର୍ମୀମାନେ ଆଲୋଚନା କରୁଛନ୍ତି ।

ମାଲକାନଗିରି,୧୩।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ନିର୍ବାଚନ ମଣ୍ଡଳୀର ଶିଖପାଲି ଜିଲା ପରିଷଦ ଜୋନ୍‌ରେ ବିଜୁ ଜନତା ଦଳର ବରିଷ୍ଠ ନେତୃମଣ୍ଡଳୀଙ୍କ ଉପସ୍ଥିତରେ ପ୍ରତେକ ଗ୍ରାମର କର୍ମୀଙ୍କୁ ନେଇ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗଦେଇ ଆଗାମି ନିର୍ବାଚନ ପାଇଁ ତୃଣମୂଳସ୍ତରରୁ ଦଳକୁ କିଭଳି ସୁଦୃଢ କରାଯିବ ସେନେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହା ସହିତ ନବୀନ ପଟ୍ଟନାୟକ କିଭଳି ପୁନର୍ବାର ବିଜୟୀ ହୋଇ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ସମସ୍ତେ ସଂକଳ୍ପ ନେଇଥିଲେ। ଏହି ଅବସରରେ ଶିଖପାଲି ଜିଲା ପରିଷଦ ସଭ୍ୟ ମୁକା ମାଡକାମି, କର୍ମୀ କେ.ରାହୁଲ, ବି.ବିଭୂତି ଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଢ଼ ଲକ୍ଷ ଜାତୀୟ ପତାକା ତିଆରି କଲେ ମିଶନ ଶକ୍ତି ମହିଳା

କୋରାପୁଟ,୧୩।୮ (ଅମିତାଭ ବେହେରା)

ସ୍ୱାଧୀନତା ଦିବସ ପାଳନ ନେଇ ଦେଢ଼ ଲକ୍ଷ ଜାତୀୟ ପତାକା ସିଲେଇ କରିଛନ୍ତି କୋରାପୁଟ ଜିଲାର ମିଶନ ଶକ୍ତିର ମହିଳାମାନେ। କୋରାପୁଟ ଜିଲାରେ ମିଶନ ଶକ୍ତି ପକ୍ଷରୁ ୧ ଲକ୍ଷ ୫୦ ହଜାର ଜାତୀୟ ପତାକା ସିଲେଇ କରି ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ହସ୍ତାନ୍ତର ଲାଗି ସରକାରଙ୍କଠାରୁ ନିର୍ଦ୍ଦେଶ ଆସିବା ପରେ ସେମାନେ ପତାକା ପ୍ରସ୍ତୁତିରେ ଲାଗି ପଡ଼ିଥିଲେ। ଜିଲାର ଜୟପୁର ବ୍ଲକ ମହାସଂଘ ୪୦ ହଜାର ଓ କୋରାପୁଟ ବ୍ଲକ ଲେବଲ ଫେଡେରେଶନ(ବିଏଲଏଫ) ୨୦ ହଜାର ପତାକା ସିଲେଇ କରିଛି। ସେହିପରି ବୋରିଗୁମ୍ମା ବିଏଲଏଫ ୩୦ ହଜାର, ନାରାୟଣପାଟଣା ବିଏଲଏଫ ୨୦ ହଜାର, ସେମିଳିଗୁଡା ବିଏଲଏଫ ୨୦ ହଜାର ଓ ସୁନାବେଡ଼ା ପୌରାଞ୍ଚଳସ୍ତରୀୟ ଗ୍ରୁପ ୨୦ ହଜାର ଜାତୀୟ ପତାକା ପ୍ରସ୍ତୁତ କରିଥିବା ମିଶନ ଶକ୍ତି ଜିଲା ସଭାନେତ୍ରୀ ଜ୍ୟୋତି ରେଖା ଚେଟ୍ଟି କହିଛନ୍ତି। ଜାତୀୟ ପତାକା ପ୍ରସ୍ତୁତ କରି ସେମାନେ କିଛି ଅତିରିକ୍ତ ଆୟ କରି ପାରିଛନ୍ତି ବୋଲି ନାରାୟଣପାଟଣା ବିଏଲଏଫ ସଭାନେତ୍ରୀ ପାର୍ବତୀ ମହୁକା ଓ ଜୟପୁର ବିଏଲଏଫ ସଭାନେତ୍ରୀ ସୁଜାତା ପାଣିଗ୍ରାହୀ କହିଛନ୍ତି। ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ଜୟକୃଷ୍ଣ ମହାପାତ୍ର ବ୍ଲକସ୍ତରୀୟ ମହାସଂଘଗୁଡିକରୁ ଜାତୀୟ ପତାକା ସଂଗ୍ରହ କରି ବିଭିନ୍ନ ବ୍ଲକ ଓ ସହରାଞ୍ଚଳକୁ ପଠାଇଥିବା ଜଣାପଡ଼ିଛି।




ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ତିଆରି ହୋଇଥିବା ଜାତୀୟ ପତାକା।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ମାଲକାନଗିରି,୧୩।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଉପ ନିବନ୍ଧକ ମନୋଜ କୁମାର ମହାନ୍ତିଙ୍କ ପିତା ଗୌର ଚରଣ ମହାନ୍ତି( ୮୪)ଙ୍କର ରବିବାର ମୃତ୍ୟୁ ଘଟିଛି। ସ୍ୱର୍ଗତ ମହାନ୍ତି ଅବସରପ୍ରାପ୍ତ ଶିକ୍ଷକ ଭାବେ କୋଟପାଡ ଅଞ୍ଚଳରେ ଜଣାଶୁଣା ଥିବା ବେଳେ ସେ ଜଣେ ସାମାଜିକକର୍ମୀ ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ। ସେ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ତିନି ଝିଅ, ଏକ ମାତ୍ର ପୁଅ ଓ ନାତି ନାତୁଣି ଉପସ୍ଥିତ ଥିଲେ।

### ବିଏଲଓ ନେଲେ ତାଲିମ

ଜୟପୁର, ୧୩।୮ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ସଭାଗୃହରେ ବିଏଲଓ ଓ ସୁପଭାଇଜରଙ୍କ ତାଲିମ ପ୍ରଦାନ କରାଯାଇଛି। ଏବିଡିଓ ମନୋଜ ନାୟକ, ଜିପିଓ ପ୍ରଶାନ୍ତ ମିଶ୍ର ୮୦ ବିଏଲଓ ୧୦ ଜଣ ସୁପଭାଇଜରଙ୍କୁ ତାଲିମ ଦେଇଥିଲେ । ବିଏଲଓମାନେ ଘରକୁ ଘର ବୁଲି କରିଥିବା ସର୍ଭେ ସମ୍ପର୍କରେ ବିବରଣୀ ଦେଇଥିଲେ। ଏହି ସର୍ଭେ ୨୧ ପର୍ଯ୍ୟନ୍ତ ଚାଲିବ । ପରେ ସେମାନେ ସଂଗ୍ରହ କରିଥିବା ତଥ୍ୟକୁ ଅନଲାଇନ ମାଧ୍ୟମରେ ଏନେଇ ରହିଥିବା ଆପ୍‌ରେ କିପରି ଏଣ୍ଟି କରିବେ ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ ଧନ୍ୟବାଦ




ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଜାତୀୟ ପତାକା ସିଲେଇ କରୁଛନ୍ତି ।

## ଜାତୀୟ ପତାକା ସିଲେଇ କାର୍ଯ୍ୟାଦେଶ

ମାଲକାନଗିରି,୧୩।୮ (ଦୁର୍ଯ୍ୟୋଧନ ପାତ୍ର)

ସ୍ୱାଧୀନତା ଦିବସରେ ଘରେ ଘରେ ତ୍ରିରଙ୍ଗା ଉଡିବ। ସେଥିପାଇଁ ମାଲକାନଗିରି ଜିଲାର ଅନେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଜାତୀୟ ପତାକା ସିଲେଇ କରିବାକୁ କାର୍ଯ୍ୟାଦେଶ ମିଳିଛି। ଜିଲାର ସିଲେଇ ଶିଖିଥିବା ୯ ଟି ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାଙ୍କୁ ସିଲେଇ ପାଇଁ ଦିଆଯାଇଥିଲା। ଫଳରେ ମହିଳାମାନେ ଏହି କାର୍ଯ୍ୟ ପାଇଁ ରୋଜଗାରକ୍ଷମ ହେବା ସହ ସ୍ୱାବଲମ୍ବୀ ହୋଇ ପାରିଥିବାରୁ ଖୁସି ପ୍ରକଟ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଇପିଏଫ୍ ପେନସନର୍ସ ଆସୋସିଏଶନ ଜିଲା କମିଟି ବୈଠକ



ଆସୋସିଏଶନ ସଦସ୍ୟମାନେ ଆଲୋଚନା କରୁଛନ୍ତି ।

ଜୟପୁର,୧୩।୮ (ପବନ ପାଣିଗ୍ରାହୀ)

ଜୟପୁର ଯାଦବ ଭବନଠାରେ ଇପିଏଫ ପେନସନର୍ସ ଆସୋସିଏଶନ କୋରାପୁଟ ଜିଲା ଶାଖାର ଏକ ବୈଠକ ରବିବାର ସଭାପତି ନଳିନୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ପ୍ରମୋଦ ମହାନ୍ତି ଯୋଗଦେଇ ଗତ ପାର୍ଲାମେଣ୍ଟ ଅଧିବେଶନରେ ବାଲେଶ୍ୱର ଏମ୍‌ପି ମଞ୍ଜୁଳତା ମଣ୍ଡଳ ଓ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଇପିଏଫ ପେନସନ ମାସିକ ସର୍ବନିମ୍ନ ୧ହଜାର ଟଙ୍କା ବଦଳରେ ୯ହଜାର ଟଙ୍କା ଘୋଷଣା କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଥିବା ସୂଚନା ଦେଇଥିଲେ। ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ପାଳନ ଅବସରରେ ମଧ ଏହି ଦାବି ଉଠାଇ ସଭା ସମିତି କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ରାମ ଶଙ୍କର ପଟ୍ଟନାୟକ, ଜି.ପ୍ରସାଦ ରାଓ, ଏନଏସଆର କେ. ମୂର୍ତ୍ତି, କିଶୋର ଚନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମଶାଣିକୁ ମୃତଦେହ ନେବାକୁ ରାସ୍ତା ନାହିଁ

## ନିର୍ମାଣ ଦାବି କଲେ ଗ୍ରାମବାସୀ

ଦଶମନ୍ତପୁର,୧୩।୮ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର କେତେକ ଗ୍ରାମାଞ୍ଚଳରେ ମଶାଣିକୁ ମୃତଦେହ ନେବାକୁ ରାସ୍ତା ନାହିଁ। ଫଳରେ ଲୋକେ କେତେକ କ୍ଷେତ୍ରରେ ନଦୀ ପାର ହୋଇ ମୃତଦେହ ଦାହ ଲାଗି ମଶାଣିକୁ ନେଉଥିବା ଦେଖିବାକୁ ମିଳୁଛି। ବ୍ଲକର ମୁର୍କାର ପଞ୍ଚାୟତ ପୋଖାର ଗ୍ରାମରେ ଥିବା ମଶାଣିକୁ ଯିବାଲାଗି ରାସ୍ତା ନାହିଁ। ଏହି ଗ୍ରାମରେ ୧୩୦ ଘର ପରିବାର ବସବାସ କରିଥାନ୍ତି। ଗ୍ରାମରେ ସରକାରଙ୍କ କିଛି କିଛି ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିଛି। ମାତ୍ର ମଶାଣିକୁ ମୃତଦେହ ଦାହ କରି ନେବାକୁ ଏଯାଏ ରାସ୍ତାଟିଏ ନିର୍ମାଣ ହୋଇପାରିନି। ଦୀର୍ଘଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସାଧୀନ



ଥିବା ଗ୍ରାମର ଅନାମ ତୁରୁକଙ୍କ ସ୍ତ୍ରୀ ସଦାମଣି (୭୫)ଙ୍କ ରବିବାର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ମୃତଦେହ ସତ୍କାର ପାଇଁ ଗ୍ରାମବାସୀ ନଦୀ ଆରପଟେ ଥିବା ଗ୍ରାମ ମଶାଣିକୁ ନଦୀପାର ହୋଇ ନେଉଥିବା ଦେଖିବାକୁ ମିଳିଥିଲା। ତେବେ ବର୍ଷା ଦିନେ ନଦୀପାର ହୋଇ ମୃତଦେହ ନେଇ ସତ୍କାର କରିବା କଷ୍ଟକର ହୋଇପଡୁଛି ବୋଲି ଗ୍ରାମବାସୀ କହିଛନ୍ତି। ଏହି ଦୃଷ୍ଟିରୁ ନଦୀ ଉପରେ ପୋଲ ନିର୍ମାଣ କରି ମଶାଣିକୁ ରାସ୍ତା ତିଆରି କରିବାକୁ ସେମାନେ ଦାବି କରିଛନ୍ତି।

# ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ମାଥିଲି, ୧୩।୮ (ସୁବାସ ଚନ୍ଦ୍ର ଖୁଡୁପିଆ )

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟରେ ହେବାକୁ ଥିବା ସପ୍ତାହବ୍ୟାପୀ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏଥିରେ ମାଥିଲି ସଦର ପଞ୍ଚାୟତ ସରପଞ୍ଚ କାନାମ ରାଜୁ ନାୟକଙ୍କୁ ବିଶିଷ୍ଟ ଅତିଥି ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୋକ କୁମାର ମହାରଣା, ସୀମାଞ୍ଚଳ ବେହେରା ଓ ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମେ ମାଟି ମା'କୁ ପ୍ରଣାମ ସହ ଦେଶର ବୀର ଶହୀଦଙ୍କ ଉଦ୍ଦେଶ୍ୟରେ ସ୍ତୁତି ଗାନ କରାଯାଇଥିଲା। ଏହା ପରେ ମୁଖ୍ୟ ଅତିଥି କାନାମ ରାଜୁ ନାୟକ ଅନ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରି ରାଷ୍ଟ୍ର ନିର୍ମାଣ ପାଇଁ ଯୁବ ଶକ୍ତିର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ। ସେ ପୁରାତନ ଭାରତର ଐତିହ୍ୟ ଓ ଅଖଣ୍ଡତା ବିଷୟରେ ଉଲ୍ଲେଖ କରି ଥିବା ବେଳେ ସ୍ୱାଧୀନ ଭାରତର ଇତିହାସ ଓ ଶହୀଦ ବୀର ଯବାନମାନଙ୍କର ବୀରତ୍ୱ ଗାଥା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଅନ୍ୟ ଅତିଥିମାନେ ଭାରତର ପ୍ରଧାନ ମନ୍ତ୍ରୀଙ୍କ ଆହ୍ୱାନକୁ ଦୃଷ୍ଟିରେ ରଖି ସମସ୍ତେ ଅଗଷ୍ଟ ୯ କ୍ରାନ୍ତି ଦିବସରୁ ଆରମ୍ଭ କରି ୧୫ ତାରିଖ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ଘରେ ତ୍ରିରଙ୍ଗା ଲଗାଇବା ପାଇଁ ଆହ୍ୱାନ ଦେଇଥିଲେ । ଏହାପରେ ରାଷ୍ଟ୍ରର ଐକ୍ୟ ଉଦ୍ଦେଶ୍ୟରେ ସମସ୍ତଙ୍କୁ ଏକ ଶପଥପାଠ କରାଇଥିଲେ। ଶେଷରେ ପଞ୍ଚାୟତ ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଲୋକେ ।

# ଖୋଲୁନି ଇନ୍‌ଡୋର ଷ୍ଟାଡିୟମ ତାଲା

ସୁନାବେଡା,୧୩।୮ (କୃତିବାସ ପ୍ରଧାନ)

ସୁନାବେଡା ପୌର ପରିଷଦର ୫ ନଂ. ୱାର୍ଡ ଗଞ୍ଜାମ କଲୋନୀଠାରେ ନିର୍ମାଣ ହୋଇଛି ମଲ୍ଟି ପରପୋଜ ହଲ୍ ତଥା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍। ଏହାର ନିର୍ମାଣକୁ ବର୍ଷେରୁ ଅଧିକ ଦିନ ବିତିଲାଣି । ମାତ୍ର ଏଯାଏ ଏହି ଇନ୍‌ଡୋର ଷ୍ଟାଡିୟମ ଖୋଲୁନି। ଫଳରେ ଯେଉଁ ଲକ୍ଷ୍ୟରେ ଏହା ନିର୍ମାଣ ହୋଇଥିଲା ତାହା ବସ୍ତୁତଃ ବିଫଳ ହେବାକୁ ବସିଛି।

ଉକ୍ତ ଅଞ୍ଚଳରେ ବହୁ ପ୍ରତିଭାବାନ୍ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ୍ ଖେଳାଳି ଅଛନ୍ତି। ସେମାନଙ୍କ ଅଭ୍ୟାସ ପାଇଁ କିଛି ଉପଯୁକ୍ତ ବ୍ୟବସ୍ଥା ନ ଥିଲା। ଖେଳାଳିମାନେ ଏଠାରେ ଏକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଲାଗି ଦୀର୍ଘଦିନରୁ ଦାବି ଜଣାଇ ଆସୁଥିଲେ। ୨୦୨୧ ଜୁନ୍ ୧୮ରେ କୋରାପୁଟ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପୋଡାଲ୍ ଏନେଇ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକଙ୍କ ଅନୁରୋଧ ରକ୍ଷାକରି ମୁଖ୍ୟମନ୍ତ୍ରୀ ପୌରପ୍ରଶାସନକୁ ସେହି ବର୍ଷ ଷ୍ଟାଡିୟମ ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୌର ପରିଷଦ ୫ ନଂ. ୱାର୍ଡ ଗଞ୍ଜାମ କଲୋନୀଠାରେ ସ୍ଥାନ ନିରୂପଣ ପରେ ପୂର୍ତ୍ତ ବିଭାଗ ୪.୫ କୋଟି ଟଙ୍କା ବ୍ୟୟରେ ଏହାର ନିର୍ମାଣ ଆରମ୍ଭ କରି ୨୦୨୨ ମାର୍ଚ୍ଚରେ ଶେଷ କରିଥିଲେ। ଷ୍ଟାଡିୟମ ମଧ୍ୟରେ ୨ଟି ବ୍ୟାଡମିଣ୍ଟନ କୋର୍ଟ ସହ ଜିମ୍, ଯୋଗ ଏବଂ ଚଲାପଥ ଭଳି ବିଭିନ୍ନ ବ୍ୟବସ୍ଥା ରହିଛି। ତେବେ ୨୦୨୨ଡିସେମ୍ବରରେ ଏହାକୁ ଖୋଲିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିଲେ ସୁଦ୍ଧା ନିର୍ମାଣକୁ ବର୍ଷେରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି ପ୍ରଶାସନ ଷ୍ଟାଡିୟମ କାର୍ଯ୍ୟକ୍ଷମ କରିବାକୁ ନାଁ ଧରୁନି। ଏନେଇ ଖେଳାଳିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଭାଗୀୟ ଏସଡିଓ କୃଷ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କହିଲେ, କିଛି ଆନୁଷଙ୍ଗିକ ଖେଳ ସାମଗ୍ରୀ ଲଗାଯିବାକୁ ବାକି ରହିଛି। ଏଥିସହ ଷ୍ଟାଡିୟମରେ ଆଉ କିଛି ବୈଦ୍ୟୁତିକ ଉପକରଣ ଲାଗିବା କାମ ବାକି ରହିଛି। ଷ୍ଟାଡିୟମର ପରିଚାଳନା ଦାୟିତ୍ୱ ନେବାକୁ କୌଣସି ସଂସ୍ଥା ଚୟନ ହୋଇ ନ ଥିବା ହେତୁ ଏହାକୁ ଖୋଲିବାରେ ବିଳମ୍ବ ହେଉଛି ବୋଲି ସାହୁ କହିଛନ୍ତି।



କାର୍ଯ୍ୟକ୍ଷମ ହୋଇ ନ ଥିବା ଇଣ୍ଡୋର ଷ୍ଟାଡିୟମ।

